୬ ପରାଜୟ ସତ୍ତ୍ୱେ ସିରିଜ୍ ଜିତିଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

• ବର୍ଷ–୩୩ • ସଂଖ୍ୟା–୧୬୬ • ୧୪ ଜୁଲାଇ ୨୦୨୫, ସୋମବାର • ଭୁବନେଶ୍ୱର • Vol -32 • Issue-166 • 14th July 2025, Monday • Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଏଫ୍‌ଏମ୍ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୂତି ଉଦ୍ୟମ ଘଟଣା

# ଦୋଷୀଙ୍କ ବିରୋଧରେ ହେବ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୩।୭
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ତାଙ୍କ ଦିଲ୍ଲୀ ଗସ୍ତ ସାରି ଓଡ଼ିଶା ଫେରିଛନ୍ତି। ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଘଟଣାକୁ ଦୃଢ଼ ଭାବରେ ନିନ୍ଦା କରିବା ସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଘଟଣାର ତଦନ୍ତ ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। କମିଟି ରିପୋର୍ଟ ଦେବା ପରେ ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ ଆଗାମୀ ଦିନରେ ଯେଭଳି କୌଣସି (ପୃଷ୍ଠା ୭ରେ)

## ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ : ଏମ୍ସ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୩।୭
ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀ ଆତ୍ମାହୂତି ଘଟଣା । ଭେଣ୍ଟିଲେଟରରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ପରେ ହସ୍ପିଟାଲ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଛାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି। ଆହୁରି ୪୮ ଘଣ୍ଟା ଅବଜରଭେସନରେ ରହିବେ ଛାତ୍ରୀ। ଶରୀର ବାହ୍ୟ ଅଂଶରୁ ଯେଉଁ କ୍ଷତ ହୋଇଛି ସେଥିରୁ ଜଣାପଡୁଛି ୯୫ ପ୍ରତିଶତ ପୋଡ଼ିଯାଇଛି। ଶରୀରର ଅଧିକାଂଶ ଅଂଶରେ ଡ଼ିପ ବର୍ଣ୍ଣ ହୋଇଛି। ଶ୍ୱାସନଳୀର କିଛି ଅଂଶ ମଧ୍ୟ ବିଶେଷ ଭାବରେ ପ୍ରଭାବିତ ହୋଇଛି। ଶନିବାରଠାରୁ ଭେଣ୍ଟିଲେଟର ସାହାଯ୍ୟରେ ଛାତ୍ରୀଙ୍କୁ ରଖାଯାଇଛି। ସ୍ୱାସ୍ଥ୍ୟ ଅବସ୍ଥାରେ ବିଶେଷ ପରିବର୍ତ୍ତନ ହୋଇନି। ଶରୀରର ଇଣ୍ଟରନାଲ ପାର୍ଟ ମଧ୍ୟରେ କିଡ୍‌ନୀ ଏବଂ ଲଙ୍ଗସ ପ୍ରଭାବିତ ହୋଇଛି। ମାତ୍ର ଇଣ୍ଟରନାଲ ପାର୍ଟ କେତେ ଅଧିକ କ୍ଷତ ହୋଇଛି ତାହା ଏବେ କହିବା କଷ୍ଟକର। ଅବସ୍ଥା ଗୁରୁତର ରହିଛି। ବର୍ଣ୍ଣ କେସ୍‌ରେ (ପୃଷ୍ଠା ୭ରେ)

## ଛାତ୍ରୀଙ୍କୁ ବଞ୍ଚାଇବାକୁ ସମସ୍ତ ଚେଷ୍ଟା କରାଯାଉଛି : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୭ : ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମାହୂତି ଉଦ୍ୟମ ଘଟଣାରେ ଏମ୍ସରେ ପହଞ୍ଚିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ଉପସ୍ଥିତ ଅଛନ୍ତି । ପୀଡ଼ିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ପହଞ୍ଚିଥିଲେ ଉଭୟ ମନ୍ତ୍ରୀ । ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଛାତ୍ରୀଙ୍କୁ ବଞ୍ଚାଇବାକୁ ସମସ୍ତ ଚେଷ୍ଟା କରାଯାଉଛି ।

## ତଦନ୍ତ ରିପୋର୍ଟ ଆସିଲେ ଆକ୍ସନ୍ ନିଆଯିବ: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୩।୭ : ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଏମଏଫ କଲେଜ ଛାତ୍ରୀ ଆତ୍ମାହୂତି ଉଦ୍ୟମ ଘଟଣାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ୩ ଜଣିଆ ଉଚ୍ଚସ୍ତରୀୟ ତଦନ୍ତ ଟିମ୍ ବାଲେଶ୍ୱର ଯାଇଛନ୍ତି । ତଦନ୍ତ ରିପୋର୍ଟ ଆସିଲେ ଆକ୍ସନ୍ ନିଆଯିବ । କଠୋର ପଦକ୍ଷେପ ନେବାରେ ଅବହେଳା କରାଯିବ ନାହିଁ ବୋଲି ସେ କହିଛନ୍ତି ।

## ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ



ଭୁବନେଶ୍ୱର, ୧୩।୭
ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଏଫ୍‌ଏମ ସ୍ୱୟଂଶାସିତ କଲେଜର ଛାତ୍ରୀ ନିଜ ଜୀବନ ନେବାକୁ ଉଦ୍ୟମ କରିବା ଘଟଣାରେ ଏବେ ରାଜନୀତି ତେଜିଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ସେ ଦାବି କରିଛନ୍ତି।

କଲେଜ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ବାରମ୍ବାର ତାଙ୍କ ଅଭିଯୋଗ ଜଣାଇବା ସତ୍ତ୍ୱେ ନ୍ୟାୟ ପାଇବାରୁ ଛାତ୍ରୀ ବଞ୍ଚିତ ଥିଲେ।

ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି, ଓଡ଼ିଶାର ପ୍ରମୁଖ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଗୋଟିଏରେ ଜଣେ ଯୁବତୀ ନିଜ ଜୀବନ ନେବାକୁ (ପୃଷ୍ଠା ୭ରେ)

# ଶ୍ରୀମନ୍ଦିର ରୀତିନୀତିର କପିରାଇଟ୍ କରିବେ ଓଡ଼ିଶା ସରକାର: ଗଜପତି



ପୁରୀ, ୧୩।୭
ନ୍ୟୁଜ୍ ବ୍ୟୁରୋ

ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପାରମ୍ପରିକ ରୀତିନୀତି ଓ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଓଡ଼ିଶା ସରକାର ଏହାର କପିରାଇଟ୍ ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ବୋଲି ପୁରୀର ଗଜପତି ମହାରାଜ ଦିବ୍ୟସିଂହ ଦେବ ପ୍ରକାଶ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ପ୍ରଥମ ସେବକ ଭାବେ ପରିଚିତ ଗଜପତି ମହାରାଜ ଏକ ସାକ୍ଷାତକାରରେ ଏହା କହିଛନ୍ତି।

ଏହି ପଦକ୍ଷେପ ଏକ ସମୟରେ ଆସିଛି ଯେତେବେଳେ ବିଦେଶରେ ଇସ୍କନ ଦ୍ୱାରା ଶ୍ରୀ ଜଗନ୍ନାଥଙ୍କ ରୀତିନୀତିର ଅସମୟରେ ପାଳନ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଦିଘାରେ ଏକ ମନ୍ଦିରକୁ "ଜଗନ୍ନାଥ ଧାମ" ଭାବେ ଘୋଷଣା କରାଯାଇଥିବା ନେଇ ଭକ୍ତମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗଜପତି ମହାରାଜ ଏହାକୁ ପବିତ୍ର ଶାସ୍ତ୍ର ଓ ପ୍ରାଚୀନ ପରମ୍ପରାର "ଗୁରୁତର ଉଲ୍ଲଂଘନ" ବୋଲି ଅଭିହିତ କରିଛନ୍ତି।

ଗଜପତି ମହାରାଜ କହିଛନ୍ତି, "ଶ୍ରୀ ଜଗନ୍ନାଥଙ୍କ ରୀତିନୀତି ଏବଂ ସାଂସ୍କୃତିକ ପରମ୍ପରା ଆମର ଅନନ୍ୟ ଐତିହ୍ୟର ଅଂଶ। ଏହାର ଅପବ୍ୟବହାର ବା ଅସମ୍ମାନ କୌଣସି ଭାବେ ବରଦାସ୍ତ କରାଯାଇ ପାରିବ ନାହିଁ। ଏହାକୁ ସୁରକ୍ଷିତ ରଖିବା ପାଇଁ ଓଡ଼ିଶା ସରକାର କପିରାଇଟ୍ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।"

ଏହି ଘଟଣା ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପାରମ୍ପରିକ ରୀତିନୀତିର ସଂରକ୍ଷଣ ଏବଂ ଏହାର ଅପବ୍ୟବହାର ରୋକିବା ପାଇଁ ଆଇନଗତ ପଦକ୍ଷେପର ଆବଶ୍ୟକତାକୁ ପୁନର୍ବାର ଉଜାଗର କରିଛି। ସରକାରଙ୍କ ଏହି ଉଦ୍ୟମ ଜଗନ୍ନାଥ ସଂସ୍କୃତିର ପବିତ୍ରତା ଓ ଐତିହ୍ୟକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା କରାଯାଉଛି। ଏହି ଘଟଣା ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପାରମ୍ପରିକ ରୀତିନୀତିର (ପୃଷ୍ଠା ୭ରେ)

## ଛାତ୍ରୀ ଆତ୍ମାହୂତି ଉଦ୍ୟମ ଘଟଣା ତିନିଦିନ ମଧ୍ୟରେ ରିପୋର୍ଟ ଦେବାକୁ ପୋଲିସକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୭
ନ୍ୟୁଜ୍ ବ୍ୟୁରୋ

ଜାତୀୟ ମହିଳା ଆୟୋଗ ବାଲେଶ୍ୱର ଜିଲ୍ଲାର ଏକ ସରକାରୀ କଲେଜରେ ପଢୁଥିବା ୨୦ ବର୍ଷୀୟ ଛାତ୍ରୀ ଆତ୍ମଦାହ କରି ଗୁରୁତର ଓ ଦୁଃଖଦ ଘଟଣାରେ ହସ୍ତକ୍ଷେପ କରିଛନ୍ତି । ପୀଡିତା କଲେଜର ଶିକ୍ଷା ବିଭାଗ ମୁଖ୍ୟଙ୍କ ଦ୍ୱାରା ଯୌନ ଉତ୍ପୀଡନ ଏବଂ ଡିଗ୍ରୀ ହାସଲରେ ଅକୃତକାର୍ଯ୍ୟ ଧମକ ପାଇବା ପରେ ସେ ନିଜ ଦେହରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି । ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ବିଜୟା ରାହତକର ଏହି ଘଟଣାକୁ ଗୁରୁତର ଭାବେ ନେଇ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ଘଟଣାର ଏକ ନ୍ୟାୟସଙ୍ଗତ, ପାରଦର୍ଶୀ ଏବଂ ସମୟବଦ୍ଧ ତଦନ୍ତ ନିଶ୍ଚିତ କରାଯାଉ। ଆୟୋଗ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି ଯେ ଦୋଷୀଙ୍କ (ପୃଷ୍ଠା ୭ରେ)

## ୧୫ରେ ମହାକାଶରୁ ଫେରିବେ ଶୁଭାଂଶୁ

ନୂଆଦିଲ୍ଲୀ, ୧୩।୭

ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ୧୪ ଦିନିଆ ମହାକାଶ ମିଶନ ଶେଷ ହୋଇଛି । ସେ ଆସନ୍ତା ମଙ୍ଗଳବାରଦିନ ଅର୍ଥାତ ଜୁଲାଇ ୧୫ରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରୁ ଭୂପୃଷ୍ଠ ପ୍ରତ୍ୟାବର୍ତ୍ତନ କରିବେ।

କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ରବିବାର ଆକ୍ସିଅମ୍-୪ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ମିଶନ ସହିତ ଜଡିତ ଏକ ଅପଡେଟ ଦେଇଛନ୍ତି । ସେ କହିଛନ୍ତି ଯେ ଶୁଭାଂଶୁ ଶୁକ୍ଲା ଜୁଲାଇ ୧୫ ତାରିଖ ଦିନ ୩ଟା (ଭାରତୀୟ ସମୟ) ସମୟରେ ପୃଥିବୀକୁ ଫେରିବେ।

ଏକ ଏକ୍ସ ପୋଷ୍ଟରେ କେନ୍ଦ୍ରମନ୍ତ୍ରୀ ଲେଖିଛନ୍ତି ଯେ ଆକ୍ସିଅମ୍-୪ ସୋମବାର ଅର୍ଥାତ ୧୪ ଜୁଲାଇ ଅପରାହ୍ଣ ସାଢେ ୪ଟାରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରୁ ଅଲଗା ହେବ । ଏହା ଜୁଲାଇ ୧୫ ଅପରାହ୍ଣରେ (ପୃଷ୍ଠା ୭ରେ)

## ହାତୀ ମୃତ୍ୟୁ ଘଟଣା: ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୭
ନ୍ୟୁଜ୍ ବ୍ୟୁରୋ

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ନାକଟିଦେଉଳ ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱରରୁ ଏକ ଟିମ୍ ତଦନ୍ତ ପାଇଁ ନାକଟିଦେଉଳ (ପୃଷ୍ଠା ୭ରେ)



## ବଜ୍ରପାତରେ କଲେଜ ଛାତ୍ରୀଙ୍କ ସମେତ ୪ ମୃତ

ଭୁବନେଶ୍ୱର, ୧୩।୭
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ବଜ୍ରାଘାତରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର, ଯାଜପୁର, ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି।

ବଜ୍ରାଘାତରେ ସମ୍ବଲପୁର ଜିଲ୍ଲାରେ ଯାହାଙ୍କ ମୃତ୍ୟୁ ଘଟିଛି, ତାଙ୍କ ନାଁ କୈଳାସ ଶେଉଳ। ତାଙ୍କୁ ୩୫ ବର୍ଷ ହୋଇଥିଲା । ତାଙ୍କ ଘର କୁଚିଣ୍ଡା ଥାନା ସୁବର୍ଣ୍ଣପାଲିରେ। ସେ ବିଲରେ କାମ କରୁଥିବା ବେଳେ ବର୍ଷା ହୋଇଥିଲା । ତେଣୁ ପାଖରେ ଥିବା ଏକ ଗଛ ତଳେ ଆଶ୍ରୟ ନେଇଥିଲେ। ସେହି ସମୟରେ ବିଜୁଳି ମାରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ତାଙ୍କ ସହିତ ଥିବା ୨୪ ବର୍ଷୀୟ ଦିନେଶ ଜାମଡାଳିଆ ଗୁରୁତର ଆହତ ହୋଇଛନ୍ତି। ଯାଜପୁର (ପୃଷ୍ଠା ୭ରେ)



## ମିଆଁମାରରେ ଭାରତୀୟ ସେନାର ସର୍ଜିକାଲ ଷ୍ଟ୍ରାଇକ !

ନୂଆଦିଲ୍ଲୀ, ୧୩।୭

ପଡ଼ୋଶୀ ଦେଶ ମିଆଁମାରରେ ଥିବା ଉଲଫା ବିଦ୍ରୋହୀଙ୍କ ଶିବିର ଉପରେ ଭାରତୀୟ ସେନା ଏକ ସର୍ଜିକାଲ ଷ୍ଟ୍ରାଇକ କରିଛି ବୋଲି ନିଜେ ଉଲଫା ଦାବି କରିଛି। ତେବେ ଭାରତୀୟ ସେନା ଏହି ଖବରକୁ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହିଁ ।

ସୂଚନା ଅନୁସାରେ ଭାରତର ବିଚ୍ଛିନ୍ନତାବାଦୀ ସଂଗଠନ ୟୁନାଇଟେଡ ଲିବରେସନ ଫ୍ରଣ୍ଟ ଅଫ ଆସାମ (ଇଣ୍ଡିପେଣ୍ଡେଣ୍ଟ)-(ଆଇ) ବା ଉଲଫା-ଆଇ ପକ୍ଷରୁ ଦାବି କରାଯାଇଛି ଯେ ଭାରତୀୟ ସେନା ପକ୍ଷରୁ ଡ୍ରୋନ ପଠାଇ ମିଆଁମାରରେ ଥିବା ଏହାର ଶିବିର ଉପରେ ଆକ୍ରମଣ କରିଛି। ଏହା ଦ୍ୱାରା ଉଲଫାର ୨ ଜଣ ବରିଷ୍ଠ କମାଣ୍ଡର ମୃତ୍ୟୁବରଣ କରିଛନ୍ତି । ସେମାନେ ହେଉଛନ୍ତି ବ୍ରିଗେଡିୟର ଗଣେଶ ଆସୋମ ଓ କର୍ଣ୍ଣେଲ ପ୍ରଦୀପ ଆସୋମ । ଏହି ଘଟଣାରେ ଆଉ ୧୯ ଜଣ ଆହତ ହୋଇଛନ୍ତି।

ଆଉ କେତେକ ରିପୋର୍ଟ ଅନୁସାରେ ଭାରତୀୟ ସେନା ପକ୍ଷରୁ ନ୍ୟାସନାଲ ସୋସିଆଲିଷ୍ଟ କାଉନସିଲ ଅଫ ନାଗାଲାଣ୍ଡ ଉପରେ ମଧ୍ୟ ସର୍ଜିକାଲ ଷ୍ଟ୍ରାଇକ କରାଯାଇଛି। ତେବେ ଏ ସମ୍ପର୍କରେ ପଚରାଯିବାରୁ ଗୁଆହାଟୀରେ ଥିବା ଭାରତୀୟ ସେନାର ମୁଖପାତ୍ର ଲେଫ୍ଟନାଣ୍ଟ କର୍ଣ୍ଣେଲ ମହେନ୍ଦ୍ର ରାୱତ କହିଛନ୍ତି ଯେ ଏ ନେଇ କୌଣସି ସୂଚନା ଉପଲବ୍ଧ ନାହିଁ ।

## ହୀରାକୁଦ ଜଳଭଣ୍ଡାରର ୬ ସ୍ଲୁଇସ ଗେଟ୍ ବନ୍ଦ

ସମ୍ବଲପୁର, ୧୩।୭
ନ୍ୟୁଜ୍ ବ୍ୟୁରୋ

ହୀରାକୁଦ ଜଳଭଣ୍ଡାରର ଏକକାଳୀନ ୬ଟି ସ୍ଲୁଇସ ଗେଟ୍‌କୁ ରବିବାର ବନ୍ଦ କରାଯାଇଛି। କ୍ରମଶଃ ଜଳଭଣ୍ଡାର ମଧ୍ୟକୁ ବନ୍ୟାଜଳ ପ୍ରବେଶ ପରିମାଣ ହ୍ରାସ ପାଉଥିବାରୁ ରବିବାର ସକାଳ ୮ଟାରେ ପ୍ରଥମେ ୨ଟି ଓ ପରେ ପୂର୍ବାହ୍ନ ୧୧ଟାରେ ଆଉ ୪ଟି ମିଶି ମୋଟ ୬ଟି ସ୍ଲୁଇସ ଗେଟ୍‌କୁ ବନ୍ଦ କରାଯାଇଛି । ଫଳରେ ବର୍ତ୍ତମାନ ମୋଟ ୮ଟି ସ୍ଲୁଇସ ଗେଟ ଜରିଆରେ ଜଳଭଣ୍ଡାରରୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି।

ମଧ୍ୟାହ୍ନ ସାଢ଼େ (ପୃଷ୍ଠା ୭ରେ)




ଭୁବନେଶ୍ୱର : ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦୁଇ ଦିନିଆ ଓଡ଼ିଶା ଗସ୍ତ ପୂର୍ବରୁ ରାଜଧାନୀରେ ତାଙ୍କର ସୁରକ୍ଷା ନିମନ୍ତେ କମିଶନରେଟ୍ ପୋଲିସ୍ ପକ୍ଷରୁ ଆୟୋଜିତ କାର୍‌କେଟ୍ ରିହର୍ସଲ। (ଫଟୋ-ସମ୍ବାଦ କଳିକା)

## ରେଭେନ୍ସାରେ ଝାଡ଼ାବାନ୍ତି: ବଡ଼ କାର୍ଯ୍ୟାନୁଷ୍ଠାନ ନେଲେ ମନ୍ତ୍ରୀ

କଟକ, ୧୩।୭ : ନ୍ୟୁଜ୍ ବ୍ୟୁରୋ

କଟକ ରେଭେନ୍ସା ୱେଷ୍ଟ ହଷ୍ଟେଲରେ ଝାଡ଼ାବାନ୍ତି ଘଟଣାକୁ ନେଇ ରାଜ୍ୟ ସରକାର ରବିବାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ହଷ୍ଟେଲରେ ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀର ଲିଜ୍ ବାତିଲ କରାଯାଇଥିବା ଉଚ୍ଚ ଶିକ୍ଷା ମନ୍ତ୍ରୀ କହିଛନ୍ତି ମନ୍ତ୍ରୀ କହିଛନ୍ତି ଯେ, ରେଭେନ୍ସାରେ ଝାଡ଼ାବାନ୍ତି ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । କେଉଁ କାରଣ ପାଇଁ ହଷ୍ଟେଲରେ ଝାଡ଼ାବାନ୍ତି ବ୍ୟାପିଲା ଏହାର ଯାଞ୍ଚ ଚାଲିଛି । ଏପରିକି ଆକ୍ରାନ୍ତଙ୍କ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଝାଡ଼ାବାନ୍ତିର ପ୍ରକୃତ କାରଣ ଜଣାପଡିବ ବୋଲି ମନ୍ତ୍ରୀ କହିଛନ୍ତି।

# ରାଜ୍ୟସଭାକୁ ୪ ଜଣଙ୍କୁ ମନୋନୀତ କଲେ ରାଷ୍ଟ୍ରପତି



## ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୭

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭା ପାଇଁ ଚାରିଜଣ ନୂଆ ସଦସ୍ୟ ଉଜ୍ଜ୍ୱଳ ଦେବରାଓ ନିକମ୍, ସି. ସଦାନନ୍ଦନ୍ ମାଷ୍ଟର, ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏବଂ ମୀନାକ୍ଷୀ ଜୈନଙ୍କୁ ନିଯୁକ୍ତ କରିଛନ୍ତି।

ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ଅଧିସୂଚନା ଅନୁଯାୟୀ, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୮୦ର ଉପଧାରା (୧) ର ଉପଖଣ୍ଡ (କ) ଦ୍ୱାରା ପ୍ରଦତ୍ତ ଶକ୍ତି ବ୍ୟବହାର କରି ଓ ଉକ୍ତ ଅନୁଚ୍ଛେଦର ଉପଧାରା (୩) ସହ ପଠିତ ହୋଇ, ରାଷ୍ଟ୍ରପତି ନାମିତ ସଦସ୍ୟମାନଙ୍କର ସେବାନିବୃତ୍ତି ହେବାରୁ ସୃଷ୍ଟି ହୋଇଥିବା ଖାଲି ସ୍ଥାନରେ ଉଜ୍ଜ୍ୱଳ ଦେବରାଓ ନିକମ୍, ସି. ସଦାନନ୍ଦନ୍ ମାଷ୍ଟର, ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏବଂ ଡ଼ା. ମୀନାକ୍ଷୀ ଜୈନଙ୍କୁ ରାଜ୍ୟସଭା ପାଇଁ ମନୋନୀତ କରିଛନ୍ତି। ମନୋନୀତ ସଦସ୍ୟମାନଙ୍କ ମଧ୍ୟରେ ଉଜ୍ଜ୍ୱଳ ଦେବରାଓ ନିକମ୍ ଜଣେ ଜଣାଶୁଣା ଅଧିବକ୍ତା, (ପୃଷ୍ଠା ୭ରେ)

# ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୩।୭
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ବର୍ଷା ଜାରି ରହିବାର ଆଶଙ୍କା ଦେଖାଯାଇଛି । ବିଗତ ଦିନରେ ହୋଇଥିବା ଲଘୁଚାପ ପରେ ବର୍ଷା ଏବେବି ଜାରି ରହିଛି। ଏହାରି ମଧ୍ୟରେ ଆଗାମୀ ଦିନ ପାଇଁ ପାଣିପାଗ ବିଭାଗ ବର୍ଷା ନେଇ ସତର୍କ ସୂଚନା ଜାରି କରିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଯୋଡ଼ା ଲଘୁଚାପ ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡ଼ି) ପୂର୍ବାନୁମାନ କରିଛି ଯେ, ବଙ୍ଗୋପସାଗରରେ ପୁଣି ଏକ ଯୋଡ଼ା ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାରି ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତରପଶ୍ଚିମ ମଧ୍ୟପ୍ରଦେଶ ଏବଂ ତାହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବା ବେଳେ ଅନ୍ୟ ଏକ ଲଘୁଚାପ ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଓ (ପୃଷ୍ଠା ୭ରେ)





# ଶ୍ରୀମନ୍ଦିରରେ ଗରୁଡ଼ ଶୟନ ନୀତି ଆରମ୍ଭ

**ପୁରୀ, ନ୍ୟୁଜ ବ୍ୟୁରୋ**

ଦ୍ୱାଦଶୀରେ ଶ୍ରୀମନ୍ଦିରରେ ଶ୍ରୀଗରୁଡ଼ ଶୟନ ନୀତି ହେବ। ଗରୁଡ଼ସ୍ତମ୍ଭ ନିକଟରେ ପୂଜାର୍ଚ୍ଚନା କରାଯିବ । ପର୍ବଯାତ୍ରା ଯୋଗାଣିଆ ଦେବେ ମହାସ୍ନାନ ସାମଗ୍ରୀ । ଶୁଦ୍ଧସୁଆର ପୂଜା କରିବା ପରେ ପୂଜାପଣ୍ଡା ସାମନ୍ତ ଗରୁଡ଼ଙ୍କ ମହାସ୍ନାନ ନୀତି ବଢ଼ାଇଛନ୍ତି। ଶୀତଳ ଭୋଗ ସହ ଆଳତି ଓ ବନ୍ଦାପନା କରାଯିବ। ନୀତିରେ ପ୍ରମୁଖ ଭୂମିକା ନେବେ ଚୂନରା ସେବକ । ପୂର୍ବ ଦିନରୁ 'ହରିଙ୍କ ଶୟନ' ନୀତି ହୋଇଥିଲା। ପ୍ରଭୁଙ୍କ ପଲଙ୍କ ନିମ୍ନରେ ଶୋଇବା ପାଇଁ ଗରୁଡ଼ଙ୍କୁ ପ୍ରାର୍ଥନା କରାଯାଇଛି । ଶ୍ରୀମନ୍ଦିରରେ ରବିବାର ବିଳମ୍ବିତ ରାତିରେ ରଥ ଉପରେ ଓ ଶ୍ରୀମନ୍ଦିରରେ ହରିଶୟନ ନୀତି ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁସାରେ ଠାକୁରଙ୍କ ଶୟନ ସମୟରେ ମାଙ୍ଗଳିକ କାର୍ଯ୍ୟ ନିଷେଧ । କାର୍ତ୍ତିକ ବଡ଼ ଏକାଦଶୀରେ ଶୟନ ଠାକୁର ଉଠିବେ। ଶୟନ ଠାକୁର ଉଠିଲେ ସମସ୍ତ ସାମାଜିକ ଶୁଭ କାର୍ଯ୍ୟ ହେବାରବିଧି ରହିଛି। ଶ୍ରୀବିଗ୍ରହଙ୍କ ସୁନାବେଶ ଉଲାଗି ପରେ ବଡ଼ସିଂହାର ଭୋଗ ବଢ଼ି ମହାସ୍ନାନ ପୂଜାଠା ହେଲା। ଏହି ସମୟରେ ତିନି ଜଣ ପୂଜାପଣ୍ଡା ସାମନ୍ତ ଶୟନ ଠାକୁର ତିନି ମୂର୍ତ୍ତି ସୁବର୍ଣ୍ଣ ପ୍ରତିମାଙ୍କୁ ରଥ ଉପରକୁ ଆଣିଥିଲେ । ଶ୍ରୀବଳଭଦ୍ରଙ୍କ ରଥରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ରଥରେ ଭୁବନେଶ୍ୱରୀ ଓ ଶ୍ରୀଜଗନ୍ନାଥଙ୍କ ରଥରେ ଶ୍ରୀନାରାୟଣ (ଶୟନଠାକୁର)ଙ୍କୁ ବିଜେ ହୋଇଥିଲେ। ଶୟନ ଠାକୁର ରଥାରୂଢ଼ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ଲାଗି ହେଲା ପରେ ମହାସ୍ନାନ ନୀତି ବଢ଼ିଲା । ସର୍ବାଙ୍ଗ ଲାଗି, ନୂଆ ପତନି ଲୁଗା ଲାଗି ଓ ମାଳଫୁଲ ଲାଗି ହେଲା । ପୂଜାପଣ୍ଡା ସାମନ୍ତ ଷୋଡ଼ଶ ଉପଚାରେ ବଲ୍ଲଭ ବଡ଼ସିଂହାର ଭୋଗ ପୂଜା ସାରି କର୍ପୂର ଆଳତି କଲେ। ଏହାପରେ ଶୟନ ଠାକୁରଙ୍କୁ ହାତରେ ବିଜେ କରାଇ ପୂଜାପଣ୍ଡା ସାମନ୍ତମାନେ ଭଣ୍ଡାର ଦୁଆରେ ପହଞ୍ଚିଥିଲେ । ସେଠାରେ ବିଧି ମୁତାବକ ହରିଶୟନ ନୀତି ଅନୁଷ୍ଠିତ ହୋଇଥିଲା।

# ଘରୋଇ ନିବେଶ କ୍ଷେତ୍ରରେ ଟପ୍‌ରେ ଓଡ଼ିଶା

**ନୂଆଦିଲ୍ଲୀ :**

ଘରୋଇ ପୁଞ୍ଜି ବିନିଯୋଗରେ ସବୁଠାରୁ ଆଗରେ ରହିଛି ଓଡ଼ିଶା । ନୂଆ ନିବେଶ ଟାଣିବାରେ ବିକଶିତ ରାଜ୍ୟଗୁଡ଼ିକୁ ଏହା ପଛରେ ପକାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ରାଜ୍ୟରେ ୧.୪ ଲକ୍ଷ କୋଟିର ନିବେଶ ହୋଇଥିବା ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ) ଡାଟାରୁ ଜଣାପଡ଼ିଛି । ଏହା ସମଗ୍ର ଦେଶରେ ସର୍ବବୃହତ୍ । ରିପୋର୍ଟ ଅନୁସାରେ, ଜୁନ୍ ତ୍ରୈମାସରେ ସାରା ଦେଶରେ ଘରୋଇ କ୍ଷେତ୍ର କମ୍ପାନିଗୁଡ଼ିକ ଦ୍ୱାରା ନୂଆ ପ୍ରକଳ୍ପ ଘୋଷଣା ୪ଟି ତ୍ରୟମାସର ସର୍ବନିମ୍ନ ସ୍ତରକୁ ଖସିଛି। କମ୍ପାନିଗୁଡ଼ିକ ଏହି ତ୍ରୟମାସରେ ୩.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିଛନ୍ତି। ଯାହା ଗତ ଆର୍ଥିକ ବର୍ଷ ସମାନ ଅବଧିର ୧.୪ ଲକ୍ଷ କୋଟି ଟଙ୍କା ତୁଳନାରେ ୨ ଗୁଣା। ନିବେଶ କ୍ଷେତ୍ରରେ ଓଡ଼ିଶା ଟପ୍‌ରେ ରହିଛି । ୩.୫ ଲକ୍ଷ କୋଟିର ନିବେଶ ମଧ୍ୟରୁ ଶୀର୍ଷ ୫ ରାଜ୍ୟରେ ୮୫.୭% ବିନିଯୋଗ ହୋଇଛି । ଓଡ଼ିଶା ପରେ ଆନ୍ଧ୍ର ପ୍ରଦେଶରେ ୪୭,୧୧୦.୭ କୋଟି ଏବଂ ହରିଆଣାରେ ୪୫,୯୩୦ କୋଟିର ନିବେଶ ହୋଇଛି । ଏ ପରିପ୍ରେକ୍ଷୀରେ ଇଣ୍ଡିଆ ରେଟିଂର ନିର୍ଦ୍ଦେଶକ ପାରସ ଜଶରାଏ କହିଛନ୍ତି, ଏବେ ଯୁଦ୍ଧ ଏବଂ ଟାରିଫ ଯୋଗୁ ନୂଆ ପ୍ରକଳ୍ପ ଘୋଷଣା କରିବାରେ କମ୍ପାନି ଅନେକ ଥର ଚିନ୍ତା କରୁଛନ୍ତି । ଏବେ ଭାରତ ଏବଂ ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ବିଚାର କରୁଛନ୍ତି। ଏହା ଜୁଲାଇ ୯ ପୂର୍ବରୁ ଚୂଡ଼ାନ୍ତ ହୋଇପାରେ।



ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପ୍ରମୁଖ ଅର୍ଥନୀତିଜ୍ଞ ସାକ୍ଷୀ ଗୁପ୍ତା କହିଛନ୍ତି, ଘରୋଇ କ୍ଷେତ୍ରରେ ଦୃଢ଼ ଚାହିଦା ଜାରି ରହିଲେ ଏହା ନିବେଶକୁ ଆକୃଷ୍ଟ କରିବାରେ ସହାୟକ ହେବ । ସେହିଭଳି ରପ୍ତାନି ଭିତ୍ତିକ କ୍ଷେତ୍ର ଲାଗି ବାହ୍ୟ ଚାହିଦା ବେଶ ଗୁରୁତ୍ୱ ବହନ କରେ । ଘରୋଇ କ୍ଷେତ୍ରର ନିବେଶ ଆଗ୍ରହ ନେଇ କେନ୍ଦ୍ର ସରକାର ଏପ୍ରିଲରେ ଏକ ସର୍ଭେ କରିଥିଲେ । ଏହାକୁ ଦେଖିଲେ ନୂଆ ପ୍ରକଳ୍ପରେ ନିବେଶ ସର୍ଭେ ସହ ଖାପ ଖାଉଛି । ଚଳିତ ଆର୍ଥିକ ବର୍ଷ ଘରୋଇ କ୍ଷେତ୍ରର ପୁଞ୍ଜି ଖର୍ଚ୍ଚ ୪.୯ ଲକ୍ଷ କୋଟି ଟଙ୍କା ରହିବା ନେଇ ଆକଳନ କରାଯାଉଛି। ଯାହା ୨୦୨୪-୨୫ରେ ୬.୬ ଲକ୍ଷ କୋଟି ଟଙ୍କା ରହିଥିଲା ବୋଲି ପରିସଂଖ୍ୟାନ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି । ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନାଭିସ କହିଛନ୍ତି, ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରେ ଘରୋଇ ନିବେଶ କ୍ଷେତ୍ରରେ କେତେକ ପରିବର୍ତ୍ତନ ଆସିପାରେ। ପାର୍ବଣ ଯୋଗୁ ଅଗଷ୍ଟରୁ ଘରୋଇ ଚାହିଦାରେ ଉନ୍ନତି ଆସିବାର ସମ୍ଭାବନା ଥିବାରୁ ସେହି ଅନୁସାରେ ନିବେଶ ପରିବେଶରେ ମଧ୍ୟ ପରିବର୍ତ୍ତନ ଆସିବ। ଅନ୍ୟପଟେ ଏପ୍ରିଲ-ମେ' ଅବଧିରେ ସରକାରଙ୍କ ପୁଞ୍ଜି ଖର୍ଚ୍ଚ ୫୪% ବୃଦ୍ଧି ହୋଇ ୨.୨ ଲକ୍ଷ କୋଟି ଟଙ୍କା ଛୁଇଁଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୟମାସରେ ୩୨୪ଟି ନୂଆ ଘରୋଇ କ୍ଷେତ୍ର ପ୍ରକଳ୍ପ ସମ୍ପର୍କରେ ଘୋଷଣା ହୋଇଛି । ଧାତବ ଏବଂ ଧାତବ ଉତ୍ପାଦ କ୍ଷେତ୍ରରେ ନୂଆ ପ୍ରକଳ୍ପରେ ୧.୪ ଲକ୍ଷ କୋଟି ଟଙ୍କାର ନିବେଶ ହୋଇଥିବା ବେଳେ ବିଜୁଳି କ୍ଷେତ୍ରରେ ୬୩,୨୦୭ କୋଟି ଏବଂ ପରିବହନ କ୍ଷେତ୍ରରେ ୪୪,୮୯୩ କୋଟି ଟଙ୍କା ନିବେଶ ହୋଇଥିବା ସିଏମ୍‌ଆଇଇ ପକ୍ଷରୁ ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାକୁ ନିବେଶର ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ି ତୋଳିବା ଲାଗି ରାଜ୍ୟ ସରକାର ଇଜ୍ ଅଫ୍ ଡୁଇଁ ବିଜନେସରେ ଉନ୍ନତି ଆଣିବା ଲାଗି ନିରନ୍ତର ଉଦ୍ୟମ କରୁଛନ୍ତି । ଏ କ୍ଷେତ୍ରରେ ରାଜ୍ୟକୁ ଟପ୍ ୩ରେ ସ୍ଥାନିତ କରିବା ଲାଗି ପଦକ୍ଷେପ ନିଆଯାଉଛି । ଉନ୍ନତ ବାଣିଜ୍ୟିକ ପରିବେଶ, ନୀତିଗତ ପଦକ୍ଷେପ ଏବଂ ଭିତ୍ତିଭୂମି ଦୃଢ଼ୀକରଣ ଦିଗରେ ରାଜ୍ୟ ଗ୍ରହଣ କରୁଥିବା ପଦକ୍ଷେପ ଯୋଗୁ ଓଡ଼ିଶା ନିବେଶକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହେଉଛି ବୋଲି କୁହାଯାଉଛି।

# ପଶ୍ଚିମ ଓଡ଼ିଶା ପାଇଁ ଆଲୋକବର୍ତ୍ତିକା ରାଉରକେଲା ବାଳସୁଧାର ଗୃହ

## ସୁନ୍ଦର ଭବିଷ୍ୟତ ପାଇଁ ମିଳୁଛି ବିଭିନ୍ନ ଶିକ୍ଷା

**ରାଉରକେଲା,ନ୍ୟୁଜ ବ୍ୟୁରୋ**

ପରିପକ୍ୱତା ଅଭାବରୁ ପରିସ୍ଥିତିରେ ପଡ଼ି କୌଣସି ଅପରାଧ ଘଟାଉଥିବା ନାବାଳକଙ୍କ ନୂଆ ଭବିଷ୍ୟତ ଗଢୁଛି ରାଉରକେଲା ସହରର ଟିସ୍କୋ କଲୋନିରେ ରହିଥିବା ବାଳସୁଧାର ଗୃହ । ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଦିଆଯାଉଛି ଶିକ୍ଷା । ସିଲେଇ ଶିକ୍ଷାଠୁ ନେଇ ବିଦ୍ୟୁତ ସରଞ୍ଜାମ ମରାମତି ପାଇଁ ତାଲିମ ନେଇଛନ୍ତି ସେମାନେ । ସଙ୍ଗୀତ ଶିକ୍ଷା ହାସଲ ପ୍ରକ୍ରିୟାରେ କିଏ ତବ୍‌ଲା ବଜାଉଛି ତ ଆଉ କିଏ ପିଆନୋ । କେହି କେହି ପ୍ରଶିକ୍ଷଣ ଆଧାରରେ ଅଦରକାରୀ କାଗଜ ଓ ଚକୋଲେଟ୍ ଜରିରେ ତିଆରି କରୁଛନ୍ତି ସୁନ୍ଦର ସୁନ୍ଦର ସାମଗ୍ରୀ । ମାଟିର ଖପର ଏବଂ ନଡ଼ିଆ ସଢ଼େଇରେ ଆଙ୍କୁଛନ୍ତି ଭଳିକି ଭଳି ଚିତ୍ର । ଏହିସବୁ ଶିକ୍ଷାଦାନ ଯୋଗୁଁ ଭୁଲ କରି ବାଳସୁଧାର ଗୃହକୁ ଆସୁଥିବା ପିଲାମାନଙ୍କ ମଧ୍ୟରୁ ଅଧିକାଂଶ ନିଜକୁ ପରିବର୍ତ୍ତନ ମୁହାଁ କରିବା ସହିତ ନିଜର ନୂଆ ଭବିଷ୍ୟତ ଗଢିବାରେ ସଫଳ ହେଉଛନ୍ତି ।



ସହରର ଛେଣ୍ଡ କଲୋନି ନିକଟସ୍ଥ ଟିସ୍କୋ କଲୋନୀରେ ଥିବା ବାଳସୁଧାର ଗୃହ ୧୯୮୬ ମସିହା ଅଗଷ୍ଟ ୩୧ରେ ସ୍ଥାପିତ ହୋଇଛି । ଏଠାରେ ପ୍ରାୟ ୧୨୫ ଜଣ ଅନ୍ତେବାସୀ ରହିବା ବ୍ୟବସ୍ଥା ରହିଛି । ପଶ୍ଚିମ ଓଡ଼ିଶାର ପ୍ରାୟ ୭ଟି ଜିଲ୍ଲା ପାଇଁ ଏହା ହେଉଛି ଏକମାତ୍ର ବାଳସୁଧାର ଗୃହ। ସବିଶେଷ ସୂଚନା ଅନୁଯାୟୀ, ଏଠାରେ ପ୍ରାୟ ୮୦ରୁ ୯୦ ଜଣ ଅନ୍ତେବାସୀ ରହିଛନ୍ତି । ସପ୍ତାହର ସାତ ଦିନ ଧରି ସେମାନଙ୍କୁ ଭିନ୍ନଭିନ୍ନ ପ୍ରକାରର ଜଳଖିଆ, ମଧ୍ୟାହ୍ନ ଓ ରାତ୍ରୀ ଭୋଜନ ଦିଆଯାଉଛି ।

ଏଠାରେ ରହୁଥିବା ଅନ୍ତେବାସୀଙ୍କ ମନରେ ଯେପରି ନକାରାତ୍ମକ ଚିନ୍ତାଧାରା ନ ଆସେ, ସେଥିପାଇଁ ବାଳସୁଧାର ଗୃହରେ ସେମାନଙ୍କୁ ବିଭିନ୍ନ ପ୍ରକାର ଶିକ୍ଷା ପ୍ରଦାନ କରାଯାଉଛି। ଅନେକ ଏଠାରେ ରହି ପାଠ ପଢୁଛନ୍ତି । ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ଅନ୍ତେବାସୀ କୃତକାର୍ଯ୍ୟ ହୋଇଛନ୍ତି । ବାଳସୁଧାର ଗୃହରେ ଅନ୍ତେବାସୀଙ୍କ ଅଧ୍ୟୟନ ପାଇଁ ପ୍ରାୟ ୫ହଜାରରୁ ଅଧିକ ପୁସ୍ତକଥିବା ଲାଇବ୍ରେରି ରହିଛି । ସଙ୍ଗୀତ ଶିକ୍ଷା ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ରହିଛି । ସେଠାରେ ସମସ୍ତ ପ୍ରକାର ବାଦ୍ୟଯନ୍ତ୍ର ରହିଥିବା ବେଳେ ଖୋଦ୍ ଅନ୍ତେବାସୀ ସେସବୁ ବଜାଇ ସଙ୍ଗୀତ ଶିକ୍ଷା ନେଉଛନ୍ତି । ବିନା ତାଲିମରେ କେତେକ ଅନ୍ତେବାସୀ ନିଜସ୍ୱ ପ୍ରଚେଷ୍ଟାରେ ଚକୋଲେଟ୍ ଓ ବିସ୍କୁଟ ଜରି ସମେତ ପୁରୁଣା ଖବର କାଗଜରେ ସୁନ୍ଦର ସୁନ୍ଦର ଘରକରଣା ଜିନିଷ ତିଆରି କରି ନିଜ ପାଠପଢ଼ା କକ୍ଷର ଶୋଭା ବର୍ଦ୍ଧନ କରିଛନ୍ତି। ବାଳସୁଧାର ଗୃହରେ ରହୁଥିବା ଅନ୍ତେବାସୀଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇବା ଲାଗି ଏଠି କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଉଛି ।

# ଛାତ୍ରସଂସଦ ନିର୍ବାଚନ: ପାଗ ଭିଡ଼ିଲେଣି ସଙ୍ଗଠନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏଥର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କ୍ୟାମ୍ପସ୍‌ରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗତ ମାସରେ ଏସମ୍ପର୍କରେ ସବୁଜ ସଙ୍କେତ ଦେବା ପରେ ଏବେ କ୍ୟାମ୍ପସ୍ ରାଜନୀତି ଜୋର ଧରିଛି। ଗ୍ରୀଷ୍ମ ଛୁଟି ପରେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବା କ୍ଷଣି ଛାତ୍ରସଂସଦ ନିର୍ବାଚନ ପାଇଁ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ସଜବାଜ ଦେଖିବାକୁ ମିଳୁଛି। ଛାତ୍ର ବିଜେଡି, ଏବିଭିପି, ଛାତ୍ର କଂଗ୍ରେସର ଛାତ୍ର ନେତାମାନେ ପ୍ରତିଥର ପରି ଏଥର ମଧ୍ୟ କ୍ୟାମ୍ପସ୍‌ରେ ନିଜର ପତିଆରା ଜାହିର କରିବାକୁ ଲାଗିପଡ଼ିଲେଣି। ସଙ୍ଗଠନର ପୁରୁଣା ଛାତ୍ରନେତାମାନେ କ୍ୟାମ୍ପସ୍‌ରେ ଚକ୍କର କାଟିବା ସହ କିଭଳି ଭାବେ ନବାଗତ ଛାତ୍ରଛାତ୍ରୀଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବେ, ସେନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଆଇଏସଏଫ୍, ଡିଏସ୍‌ଓ, ଏସଏଫ୍‌ଆଇ ପରି ଛାତ୍ର ସଙ୍ଗଠନ ମଧ୍ୟ ନିଜ ନିଜ ସ୍ତରରେ ପ୍ରସ୍ତୁତି ଚଳାଇଛନ୍ତି। ସ୍ନାତକୋତ୍ତର(ପିଜି) ଓ ସ୍ନାତକ(ୟୁଜି) ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ନାମଲେଖା ଚାଲିଛି। ଆସନ୍ତା ୧୦ ତାରିଖରୁ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହେବାକୁ ଥିବାରୁ କ୍ୟାମ୍ପସ୍‌ରେ ରାଜନୈତିକ ବାତାବରଣ ଉଷ୍ମ ହେଉଛି। ରାଜନୀତିର ଏନ୍ତୁଡ଼ିଶାଳ କୁହାଯାଉଥିବା ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଷ୍ମତା ଧୀରେ ଧୀରେ ବଢୁଛି। ତିନିଟି ଯାକ ଛାମୁଆ ସଙ୍ଗଠନ କ୍ୟାମ୍ପସ୍‌ରେ ହେଲ୍‌ପ ଡେସ୍କ ଆରମ୍ଭ ଦିଗରେ ପଦକ୍ଷେପ ନେଇଛନ୍ତି। ନବାଗତ ଛାତ୍ରଛାତ୍ରୀ କ୍ୟାମ୍ପସ୍‌ରେ ପାଦ ଥାପିବା କ୍ଷଣି କିଭଳି ସଙ୍ଗଠନ ମୋହରେ ପଡ଼ିବେ ସେନେଇ ଛାତ୍ର ସଙ୍ଗଠନ ସଦସ୍ୟମାନେ ଲାଗିପଡ଼ିଛନ୍ତି। ନୂଆ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ସହ ନାମଲେଖାରେ ସହଯୋଗ କରିବାକୁ ଆଗେଇ ଆସୁଛନ୍ତି। ଆସନ୍ତା ସପ୍ତାହକ ମଧ୍ୟରେ ୩ଟି ଯାକ ସଙ୍ଗଠନ କ୍ୟାମ୍ପସ୍‌ରେ ହେଲ୍‌ପ ଡେସ୍କ ଖୋଲିବେ ବୋଲି ଜଣାପଡ଼ିଛି। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଛାତ୍ର ବିଜେଡି ଟିକିଏ ଆଗରେ ରହିଛି। ପୁରାତନ ଛାତ୍ରୀ ନେତ୍ରୀଙ୍କ ନେତୃତ୍ୱରେ ସଙ୍ଗଠନ ନିଜର ପତିଆରା ଜାହିର କରିବାକୁ ଉଦ୍ୟମ କରିଛି। ନୂଆ ଓ ପୁରୁଣା ଛାତ୍ରୀମାନଙ୍କୁ ଏକାଠି କରି ସଙ୍ଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। କ୍ୟାମ୍ପସ୍ ବାହାରେ ଉତ୍ସବ ପାଳନ ହେଉଛି। ଆଗକୁ ଅନୁଷ୍ଠିତ ହେବାକୁ ଥିବା ରାକ୍ଷୀ ପୂର୍ଣ୍ଣିମାକୁ ଧୂମ୍‌ଧାମ୍‌ରେ ପାଳନ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ହେଲ୍‌ପ ଡେସ୍କ ଖୋଲିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି। ୭ ବର୍ଷ ହେଲା ସୁପ୍ତ ଅବସ୍ଥାରେ ରହିଥିବା ଏବିଭିପି ଏଠାରେ ନିଜ ସଙ୍ଗଠନକୁ ପୁଣିଥରେ ସକ୍ରିୟ କରିବାକୁ ଅଣ୍ଟା ଭିଡ଼ିଛି। ପୁରାତନ ଛାତ୍ରୀଙ୍କୁ ନେତୃତ୍ୱର ମଙ୍ଗ ଧରାଇ ଏହି କ୍ୟାମ୍ପସ୍‌ରେ ସଙ୍ଗଠନକୁ ସଜାଡ଼ିବାକୁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରିଛି। ଛାତ୍ର କଂଗ୍ରେସ ଏଠାରେ ନେତୃତ୍ୱ ସନ୍ଧାନରେ ରହିଥିବା ଦେଖିବାକୁ ମିଳିଛି। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଜଧାନୀ ମହାବିଦ୍ୟାଳୟ, ଦେବରାୟ ଡିଗ୍ରି ମହାବିଦ୍ୟାଳୟ, ବେସିକ୍ ସାଇନ୍ସ କଲେଜ, ମହର୍ଷି କଲେଜ, କମଳା ନେହେରୁ ମହିଳା ମହାବିଦ୍ୟାଳୟ ପରି ଶିକ୍ଷାନୁଷ୍ଠାନରେ ତିନିଟି ଯାକ ସଙ୍ଗଠନ ନିଜର ପତିଆରା ଜାହିର କରିବାକୁ ଲାଗିପଡ଼ିଛନ୍ତି। ବହୁବର୍ଷ ବ୍ୟବଧାନରେ ଛାତ୍ରସଂସଦ ନିର୍ବାଚନ ହେଉଥିବାରୁ ୩ଟି ଛାମୁଆ ସଙ୍ଗଠନ ନୂଆ ମୁହଁ ଖୋଜୁଛନ୍ତି। ଅଧିକାଂଶ ସ୍ଥାନରେ ନିଜ ନିଜର ପତିଆରା ଜାହିର କରିବାକୁ ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ବିଭିନ୍ନ ଦଳର ନେତାମାନେ ସେମାନଙ୍କ ସମର୍ଥିତ ଛାତ୍ର ସଙ୍ଗଠନ ଓ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ସବୁ ପ୍ରକାରର ସହାୟତା ଯୋଗାଇଦେବାର ବ୍ୟବସ୍ଥା କରୁଛନ୍ତି। ନିର୍ବାଚନ ବିଗୁଲ୍ ବାଜି ନ ଥିବାରୁ ସଙ୍ଗଠନଗୁଡ଼ିକ ଟିକିଏ ଛକାପଞ୍ଝା ମଧ୍ୟରେ ଗତି କରୁଛନ୍ତି। ୨୦୨୪ରେ ନିର୍ବାଚନ କରିବାକୁ ଘୋଷଣା କରି ରାଜ୍ୟ ସରକାର ଶେଷ ମୁହୂର୍ତ୍ତରେ ବାତିଲ୍ କରିଥିଲେ। ଚଳିତବର୍ଷ କାଳେ ଅନୁରୂପ ଭାବେ ନିର୍ବାଚନ ନ ହେବ ତାହାକୁ ନେଇ ସଙ୍ଗଠନଗୁଡ଼ିକ ମଧ୍ୟ ସଂଶୟ ମଧ୍ୟରେ ଅଛନ୍ତି।




# ଅପରାଧୀଙ୍କ ହାତରେ ବନ୍ଧୁକ: ୭ମାସରେ ୨୫ ପିସ୍ତଲ ଜବତ, ୩୦ ଗିରଫ

**ଭୁବନେଶ୍ୱର : ନ୍ୟୁଜ ବ୍ୟୁରୋ**

ରାଜଧାନୀର ଗଳିଗଳିରେ ବନ୍ଧୁକ ବୁଲିଲାଣି। ଅପରାଧୀମାନେ ଅଣ୍ଟାରେ ବନ୍ଧୁକ ଖୋସି ବେଧଡ଼କ ବୁଲୁଛନ୍ତି। କଥା କଥାକେ ବନ୍ଧୁକ ଗର୍ଜୁଛି। ନିଶା ବେପାରୀ, ଖଣି ମାଫିଆ, ଗୋ-ଚାଲାଣକାରୀ ଓ ଜମି ମାଫିଆଙ୍କ ପାଖରେ ବନ୍ଧୁକ ଏକ ସାଧାରଣ ଅସ୍ତ୍ର ହୋଇଯାଇଛି। ଗତ ୭ମାସ ଭିତରେ ପୁଲିସ ଅପରାଧୀମାନଙ୍କଠାରୁ ୨୫ରୁ ଅଧିକ ବନ୍ଧୁକ ଜବତ କଲାଣି ଏବଂ ଏହି ଆଗ୍ନେୟାସ୍ତ୍ର ବ୍ୟବହାର କରୁଥିବା ୩୦ ଅପରାଧୀଙ୍କୁ ବାନ୍ଧି ଜେଲ୍ ପଠାଇଛି। ଏତେ ପରିମାଣର ପିସ୍ତଲ ଜବତ ହେବା କଥା କମିସନରେଟ୍ ପୁଲିସ ପାଇଁ ସଫଳତା ବୋଲି କୁହାଯାଉଥିଲେ ହେଁ ଅପରାଧୀଙ୍କ ଅଣ୍ଟାରେ ପିସ୍ତଲ ସାଧାରଣରେ ଚିନ୍ତା ବଢ଼ାଇଛି। ଶାନ୍ତିପ୍ରିୟ ଓଡ଼ିଶା ଖୁବ୍‌ଶୀଘ୍ର ବିହାର ହେବାକୁ ଯାଉଛି ବୋଲି ଚର୍ଚ୍ଚା ଜୋର ଧରିଛି। କଟକ ବୟାଳିଶ ମୌଜାରେ ବିହାରୀ ମାଫିଆ ପିସ୍ତଲ କାରଖାନା ବସାଇବା ଭଳି ଘଟଣା ପଦାକୁ ଆସିବା ପରେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ପେସାଦାର ଅପରାଧୀଙ୍କଠାରୁ ଆରମ୍ଭ କରି ଅପରାଧ ଦୁନିଆରେ ପାଦ ଥାପିଥିବା ନୂଆ ଅପରାଧୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ବନ୍ଧୁକ ଦେଖାଗଲାଣି। ମାଉଜର, ପିସ୍ତଲ୍, ରିଭଲ୍‌ଭର ଓ ସିଙ୍ଗଲ୍ ସଟ୍ ଦେଶୀ ବନ୍ଧୁକ ଦେଖିବାକୁ ମିଳୁଛି। ଅପରାଧୀମାନେ ଏଭଳି ରକ୍ତାମୁଖା ହୋଇଛନ୍ତି ଯେ କଥା କଥାକେ ବନ୍ଧୁକ ଉଠୁଛି। ପୂର୍ବ ଶତ୍ରୁତାରୁ ହେଉ କି ରାଜନୈତିକ ଶତ୍ରୁତା, ବନ୍ଧୁକ ଗର୍ଜନ ସାଧାରଣ ହୋଇଗଲାଣି। ସମ୍ପ୍ରତି ରାଜଧାନୀରେ ଜମିବାଡ଼ି ବିବାଦକୁ ନେଇ ଗୁଳିମାଡ଼ ହେଉଛି। ବଡ଼ କଥା ହେଉଛି, ଅପରାଧୀମାନେ ବନ୍ଧୁକ ଭଡ଼ାରେ ଲଗାଉଛନ୍ତି। ଅପରାଧୀମାନେ ଦିନକୁ ୫ ହଜାର ଟଙ୍କା ବନ୍ଧୁକ ଭଡ଼ାରେ ଲଗାଉଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ ଏବେ ବନ୍ଧୁକ ମାଫିଆମାନେ ପ୍ରଥମେ ବିହାର ବାଦ୍ ଉତ୍ତରପ୍ରଦେଶ ଓ ଗୁଜରାଟରୁ ବି ବନ୍ଧୁକ ଚାଲାଣ କରୁଛନ୍ତି। ସେଠାରୁ ବନ୍ଧୁକ ଆଣୁଥିବା ବନ୍ଧୁକକୁ ୩୦-୪୦ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଉଦ୍‌ବେଗର ବିଷୟ ପୁଲିସ ଅପରାଧୀଙ୍କୁ ବାନ୍ଧୁଥିଲେ ହେଁ ଯେଉଁମାନେ ରାଜଧାନୀକୁ ବନ୍ଧୁକ ଚାଲାଣ କରୁଛନ୍ତି, ସେମାନଙ୍କ ଟେର ପାଉନାହିଁ। କିଛିଦିନ ତଳେ କମିସନରେଟ୍ ପୁଲିସ ୪ରୁ ଊର୍ଦ୍ଧ୍ୱ ଗ୍ୟାଙ୍ଗ୍‌ଠାରୁ ବନ୍ଧୁକ ଜବତ କରିଥିଲା। ଗୋଲଡେନ୍ ଗ୍ୟାଙ୍ଗ୍‌ର ୫ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୬ ରାଉଣ୍ଡ ଗୁଳି ଜବତ କରାଯାଇଥିଲା। ସେହିପରି ଖୋରା ଗ୍ୟାଙ୍ଗ୍‌ର ୨ଜଣଙ୍କୁ ପୁଲିସ ଗିରଫ କରିବା ସହ ୨ଟି ବନ୍ଧୁକ ଜବତ କରିଥିଲା। ବିହାରୀ ଏଟିଏମ୍ ଲୁଟେରା ଗ୍ୟାଙ୍ଗ୍ ଓ ଧର ଗ୍ୟାଙ୍ଗଠାରୁ ୩ଟି ବନ୍ଧୁକ ଜବତ କରାଯାଇଥିଲା। ସେମାନେ ଖସିବା ପାଇଁ ପୁଲିସକୁ ଗୁଳି କରିବା ବେଳେ ଏନ୍‌କାଉଣ୍ଟରର ଶିକାର ହୋଇଥିଲେ। ରାଜଧାନୀରେ ସକ୍ରିୟ ଥିବା ବନ୍ଧୁକ ମାଫିଆ ଗ୍ୟାଙ୍ଗ୍‌ଠାରୁ ଜବତ ହୋଇଛି ପୁଳାପୁଳା ବନ୍ଧୁକ ଓ ଗୁଳି। କିଛିଦିନ ତଳେ ଗୁଜରାଟ ଓ ବିହାରରୁ ବନ୍ଧୁକ ଆଣି ଓଡ଼ିଶାରେ ବିକ୍ରି କରୁଥିବା ଏକ ଗ୍ୟାଙ୍ଗ୍‌ର ୩ ବନ୍ଧୁକ ମାଫିଆଙ୍କୁ ପୁଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨ଟି ବନ୍ଧୁକ ଓ ୮ ରାଉଣ୍ଡ ଗୁଳି ଜବତ କରିଥିଲା। ସେହପରି ୟୁପିର ଏକ ବନ୍ଧୁକ ମାଫିଆ ଗ୍ୟାଙ୍ଗ୍‌କୁ ଠାବ କରି ପୁଲିସ ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୬ ବନ୍ଧୁକ ଓ ୧୮ ରାଉଣ୍ଡ ଗୁଳି ଜବତ କରିଥିଲା। ନିଶା ବ୍ୟବସାୟୀ ନିଜକୁ ସୁରକ୍ଷା ଦେବା ପାଇଁ ଅଣ୍ଟାରେ ବନ୍ଧୁକ ଖୋସି ବୁଲୁଛନ୍ତି। କିଛିଦିନ ତଳେ ସ୍ପେସାଲ୍ କ୍ରାଇମ୍ ୟୁନିଟ୍ କୁଖ୍ୟାତ ନିଶା ମାଫିଆ ସେକ୍ ଜାମ୍‌ସେଦ୍‌କୁ ଏନ୍‌କାଉଣ୍ଟର କଲାବେଳେ ତା'ଠାରୁ ଗୋଟିଏ ବନ୍ଧୁକ ଜବତ କରିଥିଲା। ରାଜଧାନୀରେ ସକ୍ରିୟ ଥିବା ବହୁ ନିଶା ବ୍ୟବସାୟୀଙ୍କ ନିକଟରେ ବନ୍ଧୁକ ରହିଛି। ନିକଟରେ ବରମୁଣ୍ଡା ଖେଳପଡ଼ିଆରୁ ଗିରଫ ହୋଇଥିବା ଜଟଣୀ ଖୁଦୁପୁରର କାହ୍ନା ନିକଟରୁ ବନ୍ଧୁକ ଜବତ କରାଯାଇଛି। କାହ୍ନା ଜଣେ ନିଶାମାଫିଆ ଏବଂ ଖୋର୍ଦ୍ଧାରୁ ବ୍ରାଉନ୍‌ସୁଗାର ଆଣି ରାଜଧାନୀରେ ବେପାର କରୁଥିଲା। ଗୋଲ୍‌ଡେନ୍ ଗ୍ୟାଙ୍ଗ୍ ସହ ମିଶି ଡକାୟତି କରିବା ସହ ନିଶା କାରବାର କରୁଥିଲା।

# ରାଜଧାନୀରେ ୩ ଅତ୍ୟାଧୁନିକ ଶୌଚାଳୟ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଆଜି ତିନି ସ୍ଥାନରେ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ତିନି ଅତ୍ୟାଧୁନିକ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି। ସିଆରପି ଛକ ନିକଟ ପ୍ରିୟଦର୍ଶିନୀ ମାର୍କେଟ ପରିସରରେ ଏକ ଶୌଚାଳୟକୁ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ସ୍ଥାନୀୟ କର୍ପୋରେଟରଙ୍କ ସହ ବହୁ ବରିଷ୍ଠ ନାଗରିକ, ମାର୍କେଟ୍ ଆସୋସିଏସନ୍‌ର କର୍ମକର୍ତ୍ତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ସେହିପରି ସତ୍ୟନଗରସ୍ଥିତ ତୋଷାଳି ପ୍ଲାଜା ଓ ଉତ୍କଳ ହସ୍ପିଟାଲ ନିକଟରେ ଦୁଇଟି ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ଶ୍ରୀମତୀ ଦାସ, ଡେପୁଟି ମେୟର ଶ୍ରୀମତୀ କହଁର ପ୍ରମୁଖ ଯୋଗ ଦେଇଥିଲେ। ମେୟର ଶ୍ରୀମତୀ ଦାସ କହିଛନ୍ତି, ଦୈନିକ ରାଜ୍ୟ ଓ ରାଜ୍ୟ ବାହାରୁ ଆମ ରାଜଧାନୀକୁ ଆସୁଥିବା ହଜାର ହଜାର ଲୋକ ଯେପରି କୌଣସି ଅସୁବିଧାରେ ନ ପଡ଼ନ୍ତି, ସେଥିପାଇଁ ବିଏମ୍‌ସି ଉଦ୍ୟମ ଜାରି ରଖିଛି। ଡେପୁଟି କମିସନର୍ ଏନ. ଗଣେଶ ବାବୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସୂଚନାଯୋଗ୍ୟ, ସହରରେ ପରିମଳ ବ୍ୟବସ୍ଥାକୁ ସହଜ ଓ ସୁଗମ କରିବା ପାଇଁ ଏହି ତିନିଟି ସର୍ବସାଧାରଣ ଶୌଚାଳୟକୁ ମିଶାଇ ଏବେ ବିଏମ୍‌ସି ଅଞ୍ଚଳରେ ମୋଟ ୧୧୧ଟି ସାମୂହିକ ଶୌଚାଳୟ ରହିଛି। ୭୦ଟି ଗୋଷ୍ଠୀ ଶୌଚାଳୟ ଓ ୨୫ଟି ଇ-ଶୌଚାଳୟ ରହିଛି। ସମୁଦାୟ ୧୪୬୫ଟି ସିଟ୍ ରହିଥିବାବେଳେ ପ୍ରତିଦିନ ୫୦ହଜାରରୁ ଅଧିକ ଲୋକ ଶୌଚ ହେବାର ବ୍ୟବସ୍ଥା ହୋଇଛି। ଆଉ କିଛି ଶୌଚାଳୟ ନିର୍ମାଣ କାମ ଜାରି ରହିଛି।



# ଆରବପତି ତାଲିକାରେ ଶୀର୍ଷରେ ନ୍ୟୁୟର୍କ

**ନୂଆଦିଲ୍ଲୀ:**

ଫୋର୍ବସ ୨୦୨୫ ବିଶ୍ୱ ଆରବପତିଙ୍କ ତାଲିକା ପ୍ରକାଶ ପାଇଛି। ଏହି ତାଲିକା ଅନୁଯାୟୀ ଆମେରିକାର ନ୍ୟୁୟର୍କ ସହରରେ ବିଶ୍ୱର ସର୍ବାଧିକ ଆରବପତି ରହୁଛନ୍ତି। ଏହି ସହରରେ ୧୨୩ ଜଣ ବିଲିୟନେୟାର ରହୁଛନ୍ତି, ଓ ସେମାନଙ୍କର ମିଳିତ ସମ୍ପତ୍ତି ୭୫୯ ବିଲିୟନ ଡଲାର ହୋଇଛି। ସର୍ବାଧିକ ଆରବପତି ରହୁଥିବା ସହର ତାଲିକାରେ ନ୍ୟୁୟର୍କ ଦୀର୍ଘ ୧୨ ବର୍ଷ ହେଲା ଶୀର୍ଷରେ ରହି ଆସୁଛି। କେବଳ ୨୦୨୧ରେ ଚୀନର ବେଜିଂ ନ୍ୟୁୟର୍କକୁ ଟପିଯାଇଥିଲା। ନ୍ୟୁୟର୍କରେ ରହୁଥିବା ଅଧିକାଂଶ ଆରବପତିଙ୍କ ବ୍ୟବସାୟ ଫାଇନାନ୍ସ, ରିଅଲ୍ ଇଷ୍ଟେଟ୍ ଏବଂ ଖୁଚୁରା ବ୍ୟବସାୟ ଆଦିରେ ରହିଛି। ବିଶ୍ୱର ମୋଟ ୩,୦୨୮ ଆରବପତିଙ୍କ ମଧ୍ୟରୁ ପ୍ରାୟ ଏକ ଚତୁର୍ଥାଂଶ ୬ ଦେଶର ମାତ୍ର ୧୦ଟି ସହରରେ ରହୁନ୍ତି। ଦୃଢ଼ ବ୍ୟବସାୟିକ ଇକୋସିଷ୍ଟମ, ନିବେଶକ-ଅନୁକୂଳ ନୀତି ଏବଂ ସମୃଦ୍ଧ ଶିଳ୍ପ ଯୋଗୁ ଏହି ସହରଗୁଡ଼ିକ ସମ୍ପତ୍ତି ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି।

ଯଦିଓ ଭାରତ ସର୍ବାଧିକ ଆରବପତି ଥିବା ଦେଶମାନଙ୍କ ତାଲିକା ମଧ୍ୟରେ ନାହିଁ, ତେବେ ମୁମ୍ବାଇ ଭାରତର ଆରବପତିଙ୍କ ରାଜଧାନୀ ହୋଇ ରହିଛି। ଏହି ସହର ବିଶ୍ୱ ସ୍ତରରେ ଷଷ୍ଠ ସ୍ଥାନରେ ରହିଛି। ମୁମ୍ବାଇରେ ମୋଟ ୬୭ ଜଣ ଆରବପତି ରହିଥିବା ବେଳେ ସେମାନଙ୍କର ମୋଟ ସମ୍ପତ୍ତି ୩୪୯ ବିଲିୟନ ଡଲାର। ଏହା ଦିଲ୍ଲୀ ଏବଂ ବେଙ୍ଗାଲୁରୁ ଭଳି ଅନ୍ୟାନ୍ୟ ପ୍ରମୁଖ ମହାନଗରଗୁଡ଼ିକ ଅପେକ୍ଷା ସର୍ବାଧିକ ଧନୀ ବ୍ୟକ୍ତି ଥିବା ଭାରତୀୟ ସହର ହୋଇଛି। ତଥାପି, ଚଳିତ ବର୍ଷ ବିଶ୍ୱ ସ୍ତରରେ ମୁମ୍ବାଇର ଚତୁର୍ଥରୁ ଷଷ୍ଠ ସ୍ଥାନକୁ ଖସି ଆସିଛି। ଦୁଇ ଜଣ ଆରବପତି ସହର ଛାଡ଼ି ପଳାଇବା ଯୋଗୁ ମୁମ୍ବାଇକୁ ପଛରେ ପକାଇ ଲଣ୍ଡନ ଚତୁର୍ଥ ସ୍ଥାନ ଓ ବେଜିଂ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।



ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ୯୨.୫ ବିଲିୟନ ଡଲାର ସମ୍ପତ୍ତି ସହିତ ମୁମ୍ବାଇ ଏବଂ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ଭାବେ ସ୍ଥାନ ସୁରକ୍ଷିତ ରଖିଛନ୍ତି। ଗତ ବର୍ଷ ୨୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି ହ୍ରାସ ସତ୍ତ୍ୱେ ବି ସେ ସହରର ସବୁଠାରୁ ଧନୀ ବ୍ୟକ୍ତି ହୋଇଛନ୍ତି। ତେବେ ବଡ଼ କଥା ହେଲା ୨୦୨୫ ମସିହାରେ ମୁମ୍ବାଇରେ ୬ ଜଣ ନୂଆ ଆରବପତି ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଚାରି ଜଣ ବିଭି ଦୋଷୀଙ୍କ ପରିବାରର ସଦସ୍ୟ। ଏହି ୪ ଜଣ ହେଲେ ବୀରେନ, କିରୀଟ, ପଙ୍କଜ ଏବଂ ହିତେଶ ଦୋଷୀ, ଯାହାଙ୍କର ସୌର ଶକ୍ତି ଫାର୍ମ ୱାରୀ ଇଣ୍ଡଷ୍ଟ୍ରିଜ୍ ଗତ ବର୍ଷ ଅକ୍ଟୋବରରେ ସାର୍ବଜନୀନ ହୋଇଥିଲା। ଚଳିତ ବର୍ଷ ମସ୍କୋରେ ଆରବପତିଙ୍କ ସଂଖ୍ୟାରେ ସର୍ବାଧିକ ବୃଦ୍ଧି ଦେଖିବାକୁ ମିଳିଛି। ମସ୍କୋରେ ୯୦ ଜଣ ଆରବପତି ରହିଛନ୍ତି, ଯାହାଙ୍କର ମିଳିତ ସମ୍ପତ୍ତି ମୂଲ୍ୟ ୪୦୯ ବିଲିୟନ ଡଲାର ହୋଇଛି। ସେହିପରି ହଂକଂ ଏବଂ ଲଣ୍ଡନ ମଧ୍ୟ ଅନେକ ଧନୀ ବ୍ୟବସାୟୀଙ୍କ ବାସସ୍ଥାନ ପାଲଟିଛି। ଅନ୍ୟପଟେ ବେଜିଂ ୬୮ ବିଲିୟନପତିଙ୍କ ସହିତ ପଞ୍ଚମ ସ୍ଥାନରେ ସ୍ଥିର ରହିଛି। ତେବେ ଆରବପତିଙ୍କୁ ଆକର୍ଷିତ କରିବାରେ ସିଙ୍ଗାପୁର ଭଲ ପ୍ରଦର୍ଶନ କରିଛି। ସିଙ୍ଗାପୁର ଗତବର୍ଷ ନବମ ସ୍ଥାନରୁ ସପ୍ତମ ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଛି। ୮ ଜଣ ନୂଆ ବିଲିୟନେୟାର ସିଙ୍ଗାପୁରକୁ ଆସିଛନ୍ତି। ବାଇଟ୍ ?ଡାନ୍ସ (ଟିକଟକର ମାଲିକ)ର ସହ-ପ୍ରତିଷ୍ଠାତା ଝାଙ୍ଗ ୟିମିଙ୍ଗ ୬୫.୫ ବିଲିୟନ ଡଲାର ସମ୍ପତ୍ତି ସହ ସେ ସିଙ୍ଗାପୁରର ସବୁଠାରୁ ଧନୀ ବ୍ୟକ୍ତି ହୋଇଛନ୍ତି। ତାଲିକାରେ ଥିବା ଅନ୍ୟ ସହର ଯେପରିକି ସାନ ଫ୍ରାନ୍ସିସ୍କୋ, ସାଂଘାଇ ଏବଂ ଲସ୍ ଆଞ୍ଜେଲସ୍ ମଧ୍ୟ ଏହି ବର୍ଷ ନୂଆ ଆରବପତିଙ୍କୁ ସ୍ୱାଗତ କରିଛନ୍ତି। ମୁଖ୍ୟତଃ ଟେକ୍ନୋଲୋଜି ଏବଂ ମନୋରଞ୍ଜନ ଶିଳ୍ପରୁ ଏହି ଆରବପତିମାନେ ଆସିଛନ୍ତି। ୨୦୨୫ରେ ସର୍ବାଧିକ ଆରବପତି ଥିବା ବିଶ୍ୱର ଶ୍ରେଷ୍ଠ ୧୦ ସହର ହେଲା- ନ୍ୟୁୟର୍କ ସିଟି – ୧୨୩ କୋଟିପତି, ମସ୍କୋ – ୯୦ କୋଟିପତି, ହଂକଂ – ୭୨ କୋଟିପତି, ଲଣ୍ଡନ – ୭୧ କୋଟିପତି, ବେଜିଂ– ୬୮ କୋଟିପତି, ମୁମ୍ବାଇ – ୬୭ କୋଟିପତି, ସିଙ୍ଗାପୁର – ୬୦ କୋଟିପତି, ସାନ ଫ୍ରାନ୍ସିସ୍କୋ – ୫୮ କୋଟିପତି, ସାଂଘାଇ – ୫୮ କୋଟିପତି, ଲସ୍ ଆଞ୍ଜେଲସ୍ – ୫୬ କୋଟିପତି।





# ରାସ୍ତାରେ ଚାଲୁଛି ଡ୍ରେନ ପାଣି : ତୁରନ୍ତ ସମାଧାନ ଦାବି କଲେ ଗ୍ରାମବାସୀ



**କେନ୍ଦୁଝର, ନ୍ୟୁଜ**

କେନ୍ଦୁଝର ଜିଲ୍ଲାର ମଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ବାମ୍ପାର ଗ୍ରାମ ନିକଟରେ ଦୀର୍ଘଦିନ ଧରି ଅଧା ପନ୍ତରିଆ ଅବସ୍ଥାରେ ରାସ୍ତା କାମ ଛାଡି ପୂର୍ତ୍ତ ବିଭାଗ ଚୁପ ବସିଥିବା ବେଳେ ବାମ୍ପାର ଗ୍ରାମବାସୀ ନର୍ଦ୍ଦମା ଭିତରେ ଘାଣ୍ଟି ହେଉଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତା କେନ୍ଦୁଝରରୁ ସ୍ୱାମପାଟଣା ଦେଇ କରଞ୍ଜିଆ କୁ ସଂଯୋଗ କରୁଥିବା ବେଳେ ବାମ୍ପାର ନିକଟରେ ରାସ୍ତା କାମ ଅସମ୍ପୂର୍ଣ୍ଣ ଛାଡି ଦିଆ ଯାଇଛି । ଏହି ସ୍ଥାନରେ ରାସ୍ତା ଖାଲ ସୃଷ୍ଟି ହୋଇ ବାରମ୍ବାର ଦୁର୍ଘଟଣାରେ ଲୋକ ଖଣ୍ଡିଆଖାବରା ହେଉଛନ୍ତି । ଏହି ସଘନରେ ବଡ ଧରଣର ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ହାନି ମଧ୍ୟ ଘଟିବାର ଆଶଙ୍କା ରହିଛି । ଏଠାରେ ବର୍ଷା ଜଳ ସହ ଡ୍ରେନ ଆବର୍ଜନା ରାସ୍ତା ଉପରେ ଜମା ହୋଇ ରହିବା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ତୁରନ୍ତ ଏହି ସ୍ଥାନକୁ ମରାମତି କରିବା ସହ ଡ୍ରେନ କାର୍ଯ୍ୟ ଓ ରାସ୍ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ବାମ୍ପାର ଗ୍ରାମର ବୁଦ୍ଧିଜୀବୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ତାପସ କୁମାର ନନ୍ଦ,ଲକ୍ଷ୍ମଣ କୁମାର ମହାନ୍ତ, ଦେବବ୍ରତ ପାଢ଼ୀ ପ୍ରମୁଖ ଦାବି ଜଣାଇଛନ୍ତି ।

# ଏକାକୀ ନୁହେଁ, ଏକତ୍ର କାମକଲେ ସଫଳତା ମିଳିଥାଏ: ଆଦ୍ୟାଶା ସତପଥୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲୟୋଲା ସ୍କୁଲର ରଜତ ଜୟନ୍ତୀ ଅବସରରେ ଶନିବାର ପ୍ରଥମ ମଡେଲ ୟୁନାଇଟେଡ୍ ନେଶନ(ଏମ୍‌ୟୁଏନ୍) ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ମାନିତ ଅତିଥି ଭାବେ ରେକ୍ଟର ଫାଦର ଏ. ଏଜାକୁନେଲ ଏସ୍‌ଜେ, ପ୍ରିନ୍ସିପାଲ ଫାଦର ଏ. ଅମଲାଦୋସ ଏସ୍‌ଜେ, ଭାଇସ୍ ପ୍ରିନ୍ସିପାଲ ନନ୍ଦିତା ପଟ୍ଟନାୟକ, ଲୟୋଲା ଏମ୍‌ୟୁଏନ୍‌ର ସେକ୍ରେଟାରୀ ଜେନେରାଲ ଅନ୍ୱେଶା ପ୍ରିୟଦର୍ଶିନୀ ପ୍ରଧାନ, ଡେପୁଟି ସେକ୍ରେଟାରୀ ଜେନେରାଲ ସୃଷ୍ଟି ରାୟ ଯୋଗଦେଇ ଏମ୍‌ୟୁଏନ୍‌କୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଆଦ୍ୟାଶା କହିଲେ, ଏପରି କାର୍ଯ୍ୟକ୍ରମଗୁଡ଼ିକ ସହଯୋଗ, ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ଓ ଦଳୀୟ କାର୍ଯ୍ୟକୁ ପ୍ରୋତ୍ସାହିତ କରେ । ଏହା ଶୈକ୍ଷିକ ପ୍ରତିଯୋଗିତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ବାସ୍ତବ ଜୀବନରେ ଏକାକୀ ନୁହେଁ, ଏକତ୍ର କାମ କରିବା ଦ୍ୱାରା ସଫଳତା ମିଳିଥାଏ । ଆଦ୍ୟାଶା ତାଙ୍କ ଅନୁଭୂତିରୁ ଅନେକ ଉଦାହରଣ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ସେ କହିଲେ, ଜ୍ଞାନ ହେଉଛି ଶକ୍ତି । ଆମେ କେଉଁ କାର୍ଯ୍ୟ ପ୍ରତି ଉତ୍ସାହିତ ତାହା ଖୋଜିବା ପରିବର୍ତ୍ତେ ଆମେ ବିଭିନ୍ନ ଦିଗରେ କାର୍ଯ୍ୟ କରିବା ଦରକାର । ଏହାଦ୍ୱାରା ଆମକୁ କୌଣସି ଦାୟିତ୍ୱକୁ ଚାପ ପରି ମନେ ହେବ ନାହିଁ ବରଂ ଆମେ ତାହାକୁ ଉପଭୋଗ କରିଥାଉ । ଯେତେବେଳେ ଆପଣ ଆଗ୍ରହର ସହିତ ସକ୍ରିୟ ଭାବେ ଜଡ଼ିତ ହୁଅନ୍ତି, ଚାପ



ଦୂର ହୋଇଯାଏ । ଏହା ହିଁ ପ୍ରକୃତ ବିକାଶ ଓ ସଫଳତାର ଆରମ୍ଭ ବୋଲି ଆଦ୍ୟାଶା କହିଥିଲେ । ଏ. ଅମଲାଦୋସ ଏସ୍‌ଜେ କହିଲେ, ଏହି ଏମ୍‌ୟୁଏନ୍ ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ, ଚିନ୍ତନଶକ୍ତି, ଗଭୀର ଅନ୍ତର୍ଦୃଷ୍ଟି ଓ ସାର୍ବଜନିକ କଥାବାର୍ତ୍ତା କ୍ଷମତା ବୃଦ୍ଧି କରିଛି । ଏହା ସେମାନଙ୍କୁ ବିଶ୍ୱସ୍ତରର ସମସ୍ୟାଗୁଡିକୁ ବୁଝିବା, ଶ୍ରେଣୀକକ୍ଷର ଜ୍ଞାନକୁ ବ୍ୟବହାର କରିବା, ଅନୁସନ୍ଧାନ କ୍ଷମତା, ବୈଜ୍ଞାନିକ ଭାବନା ଓ ଦଳରେ କାମ କରିବା ଦକ୍ଷତା ଉନ୍ନତ କରିବାର ସୁଯୋଗ ଦେଇଛି । କାର୍ଯ୍ୟକ୍ରମରେ ଭୁବନେଶ୍ୱରର ୧୯ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ୨୧୦ ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ୟୁଏନ୍‌ଜିଏ, ଡିଆଇଏସ୍‌ଇସି, ୟୁଏନ୍‌ଏଚ୍‌ଆରସି, ଏଆଇପିପିଏମ୍ ଓ ଆଇପିସ ଆଦି ଉପସମିତି ଗଠନ କରି ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତୀୟ ବିଷୟରେ ଚର୍ଚ୍ଚା କରାଯାଇଥିଲା । ଲୟୋଲା ବିଦ୍ୟାଳୟର ସଙ୍ଗୀତ ଦଳ ଦ୍ୱାରା ସୁନ୍ଦର ସଙ୍ଗୀତ ଏବଂ ବିଦ୍ୟାଳୟର ସ୍କାଉଟ ଓ ଗାଇଡ୍ସ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା । ଲୟୋଲା ଏମ୍‌ୟୁଏନ୍‌ର ଡେପୁଟି ସେକ୍ରେଟାରୀ ଜେନେରାଲ ସୃଷ୍ଟି ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଓ ବିଦ୍ୟାଳୟ ପ୍ରେସିଡେଣ୍ଟ ଅବଧୂତ ଆନନ୍ଦ ବିଶି ଉଦ୍‌ବୋଧନ ଦେଇଥିଲେ ।

# ମାନସିକ ଥିଲା ପୁଅଟିଏ ହେଲେ କାଉଡି ଦେବେ ତା' କାନ୍ଧରେ, ନାତି କାନ୍ଧରେ କଟକରୁ ପୁରୀ କାଉଡ଼ି ଯାତ୍ରା

**କଟକ, ନ୍ୟୁଜ ବ୍ୟୁରୋ**

ମାନସିକ ଥିଲା ପୁଅଟିଏ ହେଲେ କାଉଡି ଦେବେ ତା କାନ୍ଧରେ । ଏନେଇ ଅନେକ ବାର ଆମେ ଶୁଣିଛି । ବିଶେଷ କରି ଶ୍ରାବଣ ମାସରେ ମାନସିକଧାରୀ ମାନେ ଦେବଦେବଙ୍କ ପାଖକୁ ଯାଆନ୍ତି ଜଳଲାଗି କରିବାକୁ । କିଏ ମାନସିକ ପୂରଣ ହେଲା ପରେ ଯାଆନ୍ତି ତ ଆଉ କିଏ ମାନସିକ କରି ଯାଆନ୍ତି ଶୈବପୀଠ । କାନ୍ଧରେ ବାହୁଙ୍ଗୀ ଧରି ଦୁଇଟି ଡାଳରେ ପାଣି ନେଇ ଖାଲି ପାଦରେ ଚାଲି ଚାଲି ଜଳଲାଗି କରିବାକୁ ଯାଆନ୍ତି । ସେ ପାଖ ହେଉ ବା ମାଇଲ ମାଇଲ ଦୂର । ବାବାଙ୍କ ପାଖକୁ ଧାଇଁ ଯାଆନ୍ତି ଭକ୍ତ । ଶ୍ରାବଣ ମାସ ଚାଲୁଥିବାରୁ ରାସ୍ତାରେ ଲାଗିଲାଣି କାଉଡ଼ିଆଙ୍କ ଭିଡ । ସୋମବାରରେ ମହାଦେବଙ୍କୁ ଜଳଲାଗି କରିବେ କାଉଡ଼ିଆ । ଶୁକ୍ରବାର କଟକ ରାସ୍ତାରେ ଦେଖିବାକୁ ମିଳିଥିଲା ଭିନ୍ନ ଚିତ୍ର । ତେବେ ପାଣିଭାର ନେଇ ଯାଉଥିବା ବ୍ୟକ୍ତିଙ୍କ କାନ୍ଧରେ ପାଣି ଭାର ଥିଲା । ତା ସହ କାନ୍ଧରେ ଥିଲା ବୁଢ଼ୀ ମାଆର ଭାର । ଅର୍ଥାତ୍ ୭୦ ବର୍ଷୀୟ ଜେଜେମା' ଭାବେନୀ ସ୍ୱାଇଁଙ୍କୁ ୩୪ ବର୍ଷୀୟ ନାତି ଅର୍ଜୁନ ସ୍ୱାଇଁ ଓ ୨୮ ବର୍ଷୀୟ ନାତୁଣୀବୋହୂ ମାମିନା ସ୍ୱାଇଁ କାନ୍ଧରେ ବୋହି ଗଡ଼ଗଡ଼ିଆ ଘାଟରୁ ଶ୍ରୀଲୋକନାଥଙ୍କ ପୀଠକୁ ଯାତ୍ରା ଆରମ୍ଭ କରିଛନ୍ତି । ତେବେ ସିଲଭର ସିଟିରେ ଏହି ଦୃଶ୍ୟକୁ ପ୍ରଶଂସା କରିଥିଲେ ଦେଖଣାହାରୀ । ପୁରୀ ଜିଲ୍ଲା ପିପିଲି ବ୍ଲକ୍‌ର ତେଇଶପୁର ଗ୍ରାମରେ ଅର୍ଜୁନଙ୍କ ଘର । ଶୁକ୍ରବାର ସପରିବାର ଗଡ଼ଗଡ଼ିଆ ଘାଟରୁ ରୀତିନୀତି ଅନୁସାରେ ପାଣି ଉଠାଇ ଥିଲେ । ଦମ୍ପତିଙ୍କର ମାନସିକ ଥିଲା ପୁଅ ହେଲେ ଜେଜେମା'ଙ୍କୁ କାନ୍ଧରେ ବୋହି ଶ୍ରୀ ଲୋକନାଥଙ୍କ ପୀଠକୁ ଯିବୁ । ଆଉ ମାନସିକ ପୂରଣ ହେବା ପରେ ଅର୍ଜୁନ ଓ ପତ୍ନୀ ଭାର ସାହାଯ୍ୟରେ ଜେଜେ ମା'ଙ୍କୁ କାନ୍ଧେଇ କଟକ ଗଡ଼ଗଡ଼ିଆରୁ ପୁରୀ ଲୋକନାଥଙ୍କ ପୀଠକୁ ନେଇଛନ୍ତି । ଅର୍ଜୁନଙ୍କ କହିବା କଥା ପ୍ରଥମେ ତାଙ୍କର ଗୋଟିଏ ଝିଅ ହେଲା । ପ୍ରଭୁ ଲୋକନାଥଙ୍କ ପାଖରେ ମାନସିକ କରିଥିଲି । ଯଦି ଆପଣଙ୍କ କୃପାରୁ ମୋର ଗୋଟେ ପୁଅ ହେବ ତେବେ ମୁଁ ଏବଂ ମୋ ପତ୍ନୀ ଭାରରେ ଚାଲିଚାଲି ମୋ ଜେଜେମା'ଙ୍କୁ ଗଡ଼ଗଡ଼ିଆରୁ ଲୋକନାଥ ଯାଏଁ ନେବୁ । ମାନସିକ ପୂରଣ ହେବା ପରେ ଏବେ ଜେଜେ ମା'ଙ୍କୁ ନେଉଛୁ । ୧୫ ଦିନ ଭିତରେ ଜେଜେମା'ଙ୍କୁ ଲୋକନାଥଙ୍କ ପୀଠରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛୁ । ମୋର ଏହି କାର୍ଯ୍ୟରେ ମୋ ବାପା-ମା'ଙ୍କର ଆଶୀର୍ବାଦ ରହିଛି । ସେହିପରି ମାମିନା କହିଛନ୍ତି ଯେ, ପୁଅଟିଏ ପାଇଁ ଆମେ ଦୁହେଁ ଠାକୁରଙ୍କୁ ଅନେକ ଗୁହାରି କରିଥିଲୁ । ମୋ ସ୍ୱାମୀ ମାନସିକ କରିଥିଲେ । ମାନସିକ କରିବାର ତିନି ବର୍ଷ ପରେ ଆମର ଏକ ପୁତ୍ର ସନ୍ତାନ ହେଲା । ୮ ବର୍ଷ ପରେ ଆମେ ସ୍ୱାମୀ-ସ୍ତ୍ରୀ ଜେଜେମା'ଙ୍କୁ ଭାରରେ ନେଉଛୁ । ଏଥିରେ ମୁଁ ବହୁତ୍ ଖୁସି ଅଛି । ଜେଜେମା' ଭାବେନୀ କହିଛନ୍ତି, କେଉଁ ଜନ୍ମରେ କେଉଁ ପୁଣ୍ୟ କରିଥିଲି ଯେ, ଏ ଜନ୍ମରେ ଶ୍ରବଣ କୁମାର ପରି ନାତି ଓ ନାତୁଣୀବୋହୂ ପାଇଛି । ମୋତେ କାନ୍ଧରେ ବୋହି ସେମାନେ ନିଜର ମାନସିକ ପୂର୍ଣ୍ଣ କରୁଛନ୍ତି । ଭଗବାନଙ୍କ ପାଖରେ ଏତିକି ପ୍ରାର୍ଥନା ଠାକୁର ସେମାନଙ୍କୁ ଘଣ୍ଟ ଘୋଡ଼େଇ ରଖିବା ସହିତ ସବୁ ଜନ୍ମରେ ମୋତେ ଏପରି ନାତି ଓ ନାତୁଣୀବୋହୂ ମିଳୁ ।



# ଅପହଞ୍ଚ ଇଲାକାରେ ୧୧ ଗାଁ: ବାଧକ ସାଜିଛି ରେଳ ପ୍ରକଳ୍ପ

**ଲାଞ୍ଜିଗଡ଼, ନ୍ୟୁଜ ବ୍ୟୁରୋ**

ସରକାର ଗରିବ ଲୋକମାନଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି । ହେଲେ କଳାହାଣ୍ଡିଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ର ଏଭଳି ୧୧ଟି ଗାଁ ଅଛି, ଯେଉଁଠି ଆଜି ବି ସରକାରୀ ଯୋଜନା ଲୋକଙ୍କ ପାଇଁ ସାତ ସପନ । ବର୍ଷ ବର୍ଷ ଧରି ପାହାଡ଼ଘେରା ଅପହଞ୍ଚ ଅଞ୍ଚଳରେ ବହୁ କଷ୍ଟରେ ଜୀବନ କାଟୁଛନ୍ତି ଏହି ଆଦିବାସୀ ଗାଁଗୁଡ଼ିକର ୨୦୦ରୁ ଅଧିକ ପରିବାର । ସମସ୍ୟା ସମାଧାନ ପାଇଁ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କୁ ବାରମ୍ବାର ଗୁହାରି କରାଯାଉଥିଲେ ସୁଦ୍ଧା ପ୍ରତିଶ୍ରୁତି ଛଡ଼ା କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଲାଞ୍ଜିଗଡ଼ ବ୍ଲକ୍ ଗୁଣ୍ଡୁରୀ ପଞ୍ଚାୟତର ୧୧ଟି ଗାଁ ହାତୀମୁଣ୍ଡା, କାରକଟା, କୋଟେଜୋର, ଅଦଲାଡୁ, ତରଙ୍ଗଲ, ମାଡ଼ିବନ୍ଧା, ଗମପେନୁ, ବିଜେପୁର, ସାତାଙ୍ଗପଦର, ଡମେର ଓ ଦାରବେଙ୍ଗା ଗାଁ'ର ଦୂରତା ବ୍ଲକ୍ ମୁଖ୍ୟାଳୟଠାରୁ ୬୦ କିଲୋମିଟର ଏବଂ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୩୦ରୁ ୩୫ କିଲୋମିଟର । ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଏହି ଗାଁଗୁଡ଼ିକର ଦୂରତା ୧୦ରୁ ୧୫ କିମି ଥିଲା । ୨୦୧୭ ମସିହାରେ ରେଳ ପ୍ରକଳ୍ପ କାମ ଶେଷ ହୋଇ ଏଥିରେ ପାଣି ରହିବା ଫଳରେ ଦୂରତା ବଢ଼ିଯାଇଥିଲା । ଏହି ଗାଁମାନଙ୍କ ମଧ୍ୟରେ ପାହାଡ଼, ନାଳ, ଝରଣା, ଘଞ୍ଚ ଜଙ୍ଗଲ ଓ ଘାଟି ଦେଇ ପାଦଚଲା ରାସ୍ତା ୩୦ରୁ ୩୫ କିଲୋମିଟର ବାଟ ରହିଥିବା ବେଳେ ଯିବାଆସିବା ଲୋକଙ୍କ ପାଇଁ ସମ୍ଭବ ହୋଇ ନଥାଏ । ବୁଢ଼ା, ବୁଢ଼ୀ, ଭିନ୍ନକ୍ଷମଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଆସିବା କଷ୍ଟସାଧ୍ୟ ବ୍ୟାପାର । ଏହି ଗାଁଗୁଡ଼ିକୁ ଆମ୍ବୁଲାନ୍ସ ମଧ୍ୟ ଯାଇପାରେ ନାହିଁ । ଫଳରେ ଗର୍ଭବତୀ, ପ୍ରସୂତି ଓ ରୋଗୀଙ୍କୁ ଖଟିଆରେ ୫ରୁ ୧୦ କିମି ପର୍ଯ୍ୟନ୍ତ ବୋହିବାକୁ ପଡୁଛି । ଗାଁ ଲୋକେ ପଞ୍ଚାୟତ କାର୍ଯ୍ୟାଳୟରୁ ପିଡିଏସ୍ ଆଣିବା ପାଇଁ ଅଟୋରିକ୍ସା, ଟ୍ରାକ୍ଟର, ଭ୍ୟାନ୍ ଭଡ଼ା କରି ନର୍ଲା ବ୍ଲକ୍ ଛତିକୁଡ଼ା, ସଦର ବ୍ଲକ୍ ଦେପୁର, ଇଚ୍ଛାପୁର ଦେଇ ଆସିଥାନ୍ତି । ଫଳରେ ସରକାରଙ୍କ ମାଗଣା ଚାଉଳ ପାଇଁ ୧୦୦ ଟଙ୍କା ଖର୍ଚ୍ଚ ହେଉଥିବା ଗାଁ ଲୋକେ କହିଛନ୍ତି । ପଞ୍ଚାୟତ ପକ୍ଷରୁ ହାତୀମୁଣ୍ଡା ଗାଁଠାରେ କ୍ୟାମ୍ପ କରି କେବଳ ବୁଢ଼ାବୁଢ଼ୀ, ଭିନ୍ନକ୍ଷମ, ବିଧବାଙ୍କୁ ଭତ୍ତା ଦିଆଯାଉଛି । ଏହି ପଞ୍ଚାୟତର ଶୋଷପଦର, ବରଙ୍ଗପଦର, ଦାରବେଙ୍ଗ, କାଟାଙ୍ଗଭଟା, ଗମପେନୁ, ବିଜେପୁର, କନ୍ଧ ଶୋଷପଦର ଗାଁକୁ ବିଜୁଳି ସଂଯୋଗ ନାହିଁ । ବାରମ୍ବାର ଅଭିଯୋଗ ପରେ ବି କେହି ଶୁଣୁ ନାହାନ୍ତି । ସରଲାଞ୍ଜି ଗାଁଠାରୁ କାବାଗେଞ୍ଜୁ, ଶୋଷପଦର, ବରଙ୍ଗପଦର ଦେଇ ମନସ୍ଥରା ଗାଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତବାସୀ ପ୍ରସ୍ତାବ ଦେଇଛନ୍ତି । ଏହି ରାସ୍ତା ନିର୍ମାଣ ହେଲେ ପଞ୍ଚାୟତ ମହକୁମାକୁ ଉପରୋକ୍ତ ୧୧ଟି ଗାଁର ଦୂରତା ୫ରୁ ୧୫ କିମି ମଧ୍ୟରେ ହେବ । ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ପଞ୍ଚାୟତବାସୀ ଅନୁରୋଧ କରିଛନ୍ତି ।



# ଗୋପାଳପୁର ବେଳାଭୂମି: ମୁହଁ ମୋଡୁଛନ୍ତି ପର୍ଯ୍ୟଟକ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଗୋପାଳପୁର ବେଳାଭୂମିରେ ଯୁବତୀଙ୍କ ଗଣଦୁଷ୍କର୍ମ ମାମଲା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ଭାରତ ମାନଚିତ୍ରରେ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିବା ଗୋପାଳପୁରକୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ବେଳେ ଏବେ ଏହି ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଗଣଦୁଷ୍କର୍ମ ଘଟଣା ପରେ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବେଳାଭୂମିରେ ସିସି କ୍ୟାମେରା ଓ ଆଲୋକୀକରଣ ବ୍ୟବସ୍ଥାକୁ ଯେଭଳି ଗୁରୁତ୍ୱ ଦେବା କଥା ତାହା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ସନ୍ଧ୍ୟା ପରେ ଗୋପାଳପୁର ବେଳାଭୂମି ଅନ୍ଧକାର ହୋଇପଡୁଛି । ପର୍ଯ୍ୟଟକ ଏଠାରେ ନିଜକୁ ସୁରକ୍ଷିତ ମନେ କରୁନଥିବା ଯୋଗୁଁ ସନ୍ଧ୍ୟା ପୂର୍ବରୁ ଫେରି ଆସୁଛନ୍ତି । ହରିପୁର ମୁହାଁଣ ଠାରୁ ଆରମ୍ଭ କରି ମେ ଫେୟାର ହୋଟେଲ୍ ବେଳାଭୂମି ପର୍ଯ୍ୟନ୍ତ ପର୍ଯ୍ୟଟକ ବୁଲାବୁଲି କରୁଥିବା ବେଳେ ଏବେ ସନ୍ଧ୍ୟା ପରେ ପୂର୍ବରୁ ଯେଭଳି ଭିଡ଼ ରହୁଥିଲା ତାହା ଦେଖିବାକୁ ମିଳୁନାହିଁ । ତେବେ, ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ପେଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ବେଳାଭୂମିରେ ପାଟ୍ରୋଲିଂ ପାଇଁ ଆସିଥିବା ପୋଲାରିସ୍ ଗାଡ଼ି ପଇଁତରା ମାରୁଛି । ଗଣଦୁଷ୍କର୍ମ ଘଟଣା ପରେ ବେଳାଭୂମିକୁ ଆଲୋକୀକରଣ ଓ ସିସି କ୍ୟାମେରା ଲଗାଯିବା ନେଇ ପ୍ରଶାସନ ପକ୍ଷରୁ ଯେଭଳି ଯୁଦ୍ଧକାଳୀନ ଭିତିରେ ପଦକ୍ଷେପ ନିଆଯିବା କଥା ତାହା ହୋଇପାରିନାହିଁ । ଏହି ଘଟଣା ପରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ବେଳାଭୂମିରେ ଆଲୋକୀକରଣ ବ୍ୟବସ୍ଥା ଓ ସିସି କ୍ୟାମେରା ଲଗାଇବାକୁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉନଥିବା ସାଧାରଣରେ ଅଭିଯୋଗ ହୋଇଛି । ଗୋପାଳପୁର ବେଳାଭୂମି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ହୋଇଥିବା ଯୋଗୁଁ ଏଠାକୁ ବିଦେଶୀ ପର୍ଯ୍ୟଟକଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ସପରିବାରରେ ବୁଲିବାକୁ ଆସିଥାନ୍ତି । ବିଗତ ସରକାର ସମୟରେ ଗୋପାଳପୁର ବିକାଶ ସାଙ୍ଗକୁ ସ୍ୱଦେଶ ଯୋଜନାରେ ବେଳାଭୂମିକୁ ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ କରାଯାଇଥିଲା । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଗୋପାଳପୁର ଏନ୍‌ଏସିକୁ ଦାୟିତ୍ୱ ଦିଆଯାଇଥିଲା । ତେବେ, ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବେଳାଭୂମିରେ ଲାଗିଥିବା ଲାଇଟଗୁଡ଼ିକ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି । ସନ୍ଧ୍ୟା ପରେ ବେଳାଭୂମିରେ ଲାଗିଥିବା ଦୁଇଟି ହାଇମାଷ୍ଟ ଲାଇଟ୍ ହିଁ ଆଲୋକୀକରଣର ସାହାରା ହୋଇଛି । ଏହି ଦୁଇଟି ଲାଇଟ୍ ଆଲୋକୀକରଣ ପାଇଁ ପର୍ଯ୍ୟାପ୍ତ ହେଉନଥିବା ଯୋଗୁଁ ବେଳାଭୂମିର ଅଧିକାଂଶ ଅଂଚଳ ଅନ୍ଧାରୁଆ ରହୁଛି । ବେଳାଭୂମି ଅନ୍ଧାର ରହିବା ଫଳରେ ସନ୍ଧ୍ୟା ପରେ ଅସାମାଜିକଙ୍କ ଆଡ୍ଡା ଜମୁଛି । ଜିଲ୍ଲା ପ୍ରଶାସନ ତୁରନ୍ତ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ତୁରନ୍ତ ଆଲୋକୀକରଣ ସହ ସିସି କ୍ୟାମେରା ଲଗାଇବାକୁ ସାଧାରଣରେ ଦାବି ହୋଇଛି ।



# ରାଉରକେଲା ପୁଲିସ୍‌ର ଇ-ବିଟ୍ ପାଟ୍ରୋଲିଂ ପାଇଲଟ୍ ପ୍ରୋଜେକ୍ଟ




**ରାଉରକେଲା, ନ୍ୟୁଜ ବ୍ୟୁରୋ**

ସହରବାସୀଙ୍କ ସୁରକ୍ଷାକୁ ବ୍ୟାପକ କରିବା ତଥା ପ୍ରଯୁକ୍ତିବିଦ୍ୟାର ବ୍ୟବହାରକରି ପୁଲିସିଂ ବ୍ୟବସ୍ଥାର ଆଧୁନିକୀକରଣ ଓ ସୁଦୃଢ଼ କରିବାକୁ ରାଉରକେଲା ପୁଲିସ ନୂଆ ପଦକ୍ଷେପ ନେଇଛି । ଆଜି 'ଇ-ବିଟ୍ ପାଟ୍ରୋଲିଂ ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ଏହାକୁ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇ କହିଲେ, ସହରର ୧୨ଟି ପୁଲିସ ଥାନା ଅଞ୍ଚଳରେ ୬ଶହରୁ ଅଧିକ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇଛି । ଏଥିରେ ଏଟିଏମ୍, ଧାର୍ମିକ ସ୍ଥଳ, ପାର୍କ, ବଜାର, ବରିଷ୍ଠ ନାଗରିକଙ୍କ ବାସଗୃହ ଆଦି ଅନ୍ତର୍ଭୁକ୍ତ । ଏସବୁ ଅଞ୍ଚଳରେ ମୋଟ୍ ୧୦୦ଟି ବିଟ୍ ସ୍ଥାପନ କରାଯାଇଛି । ପ୍ରତ୍ୟେକ ବିଟ୍ ସ୍ଥାନଟି ଜିଓ ମ୍ୟାପିଂ ହୋଇଛି । ଉକ୍ତ ବିଟ୍‌ରେ ନିୟୋଜିତ ଅଧିକାରୀଙ୍କ ଅଞ୍ଚଳ ପରିଦର୍ଶନ ସମୟ, ସେମାନଙ୍କ ଉପସ୍ଥିତି ବିଷୟରେ ମୋବାଇଲ୍ ଆପ୍ ମାଧ୍ୟମରେ ଜଣାପଡ଼ିବ ।

ବିଟ୍ ଅଧିକାରୀଙ୍କ ରିଅଲ୍ ଟାଇମ୍ ଲୋକେସନ ଟ୍ରାକିଂ କରାଯାଇପାରିବ । ଏମିତିକି ସେମାନଙ୍କର ଉପସ୍ଥିତି, ରିପୋର୍ଟିଂ, ବିଟ୍ ପରିଦର୍ଶନ ଓ ପର୍ଯ୍ୟବେକ୍ଷଣ ବିଷୟରେ ଜଣାପଡ଼ିବ । ଉଲ୍ଲେଖଯୋଗ୍ୟ, ପୂର୍ବରୁ ପୁଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉନଥିବା ଅଭିଯୋଗ ହେଉଥିଲା । ଏମିତିକି ଚୋରି, ଛିନ୍‌ତାଇ, ଲୁଟ୍, ଡକାୟତି ଆଦି ଆପରାଧିକ ଘଟଣାର ବହୁ ବିଳମ୍ବରେ ପୁଲିସ ପହଞ୍ଚୁଥିବାର ଅଭିଯୋଗ ହେଉଥିଲା । ଇ-ବିଟ ପାଟ୍ରୋଲିଂ ବ୍ୟବସ୍ଥା ପରେ ଏହାକୁ ଦୂର କରାଯାଇପାରିବ ।

ଏହାସହ ଘଟଣାର ବାସ୍ତବ ସମୟ ଜଣାପଡ଼ିବା ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ, ତଥ୍ୟ ଚାଳିତ ନିୟୋଜନ, ଘଟଣାସ୍ଥଳରେ ପୁଲିସ୍‌ର ଉପସ୍ଥିତି ଆଦି ସୁନିଶ୍ଚିତ କରିବ । ବର୍ତ୍ତମାନ ପାଇଲଟ୍ ପ୍ରୋଜେକ୍ଟଭାବେ ୧୨ଟି ପୁଲିସ ଥାନାରେ ଏହା କାର୍ଯ୍ୟକାରୀ ହୋଇଥିବାବଳେ ଆଗାମୀ ଦିନରେ ଏହାକୁ ବିସ୍ତାର କରାଯିବବୋଲି କହିଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୪।୭।୨୦୨୫, ଆଷାଢ଼ ଦି୩୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୧୫।୫୩** **ଚନ୍ଦ୍ରୋଦୟ- ରାଘ ୯।୧୨।୫୭**

**ଚତୁର୍ଥୀ-** ରାଘ ୧୨।୦୧ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ପ୍ରାଘ ୬।୪୯ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୧୨।୦୧ ଗତେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୯ ଗତେ ଘ ୧୦।୩୪ ମଧ୍ୟେ । ରାଘ ୯।୨୦ ଗତେ ଘ ୧୦।୩୧ ମଧ୍ୟେ ।



**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।



**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।



**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୫।୭।୨୦୨୫, ଆଷାଢ଼ ଦି୩୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୧୬।୧୫** **ଚନ୍ଦ୍ରୋଦୟ- ରାଘ ୯।୪୯।୧୦**

**ପଞ୍ଚମୀ-** ରାଘ ୧୦/୩୯ପର୍ଯ୍ୟନ୍ତ । **ଶତଭିଷାନକ୍ଷତ୍ର-** ପ୍ରାଘ ୬।୨୬ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ରାଘ ୧୧/୫୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର ରାଘ ୧୧/୫୭ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର ରାଘ ୧୧/୫୭ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ରାଘ ୧୦।୩୯ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୦ ଗତେ ଘ ୬।୫୮ ମଧ୍ୟେ । ଦିଘ ୯।୪୨ ଗତେ ଘ ୧୨।୧୮ ମଧ୍ୟେ । ପର୍ବୋତ୍ସବ- ମନସା ପଞ୍ଚମୀ, ମନସାଦି ଅଷ୍ଟାନାଗ ପୂଜା , ଶରଣ ପଞ୍ଚମ ଶେଷ, ମାସାନ୍ତ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଜୁଲାଇ ୨୦୨୫ ସୋମବାର








## ସମସ୍ୟାରେ ପାଲବଣି ପ୍ରାଥମିକ ବିଦ୍ୟାଳୟ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ଜଣେ ଶିକ୍ଷୟିତ୍ରୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଶଗଡପଟା ପଞ୍ଚାୟତରେ ଥିବା ପାଲବଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ୬ ମାସ ପୂର୍ବରୁ ଏହି ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ଅବସର ନେଇଥିଲେ ମଧ୍ୟ କୋଉନଦୀ ନୂତନ ଶିକ୍ଷକ ନିଯୁକ୍ତି ହୋଇନାହିଁ। ଏହି ବିଦ୍ୟାଳୟ ଏବେ କେବଳ ଜଣେ ମାତ୍ର ଶିକ୍ଷୟତ୍ରୀଙ୍କ ହାତରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପାଠପଢା ଚାଲିଥିବାରୁ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମସ୍ୟାରେ ପଡିଛନ୍ତି। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଏଠାରେ ଶିକ୍ଷକ ନିଯୁକ୍ତି ଦିଆଯାଉନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ପିଲାମାନଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଛି। ଅଭିଭାବକ ଏବଂ ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ ହେଁ କୌଣସି ସୁଫଳ ମିଳୁନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯିବାକୁ ଦାବି ହୋଇଛି।

## ରାସ୍ତାଘାଟ ଆବର୍ଜନାପୂର୍ଣ୍ଣ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ବଡ଼ମେଡ଼ିକାଲ୍‌ରୁ ବ୍ରଜନଗର ତୃତୀୟ ଲେନ୍ ପ୍ରାୟ ଦୁଇ କିଲୋମିଟର ବ୍ୟାପି ରାସ୍ତାର ଦୁରାବସ୍ଥା କହିଲେ ନସରେ। ରାସ୍ତା ପାର୍ଶ୍ୱରେ ମାଟି ଓ ଅଳିଆ ପାହାଡ ଭଳି ଗଦା ହୋଇଛି । ଡ୍ରେନ୍ ପାଣି ରୋଡ ଉପରେ ଭାସୁଛି । ବୁଲା ଗାଈଗୋରୁଙ୍କ ପାଇଁ ରାସ୍ତା ଅବରୋଧ ସହ ପ୍ରତ୍ୟେକ ଦିନ ବିଭିନ୍ନ ଦୁର୍ଘଟଣା ଘଟୁଛି । ବିଏମ୍‌ସିଓ ଦେଖାଶୁଣା କରୁଥିବା ବିଭାଗ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନ ଦାବି ହେଉଛି ।

## ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ହଜାର ବର୍ଷର ମନ୍ଦିର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କେଉଁଠି ମନ୍ଦିରରେ ଗଛଲତା ମାଡ଼ିଗଲାଣି ତ କେଉଁଠି ମନ୍ଦିର ପରିସର ଜଙ୍ଗଲ ପାଲଟିଲାଣି। ମନ୍ଦିରରୁ କେଉଁଠି ପଥର ଖସି ପଡ଼ିଲାଣି ତ କେଉଁଠି ପାଚେରି ଭାଙ୍ଗିଗଲାଣି। କିଛି ମନ୍ଦିରରୁ ଦିଅଁ ଉଭାନ ହୋଇଯାଇଥିବା ବେଳେ କିଛି ମନ୍ଦିରରେ ପାର୍ଶ୍ୱ ଦେବଦେବୀଙ୍କ ବିରଳ ମୂର୍ତ୍ତି ଚୋରି ହୋଇଗଲାଣି। ପ୍ରତ୍ନତତ୍ତ୍ୱ ବିଭାଗର ଅପାରଗତା ପାଇଁ ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ଥିବା ହଜାର ହଜାର ବର୍ଷ ତଳର ପ୍ରାଚୀନ ମନ୍ଦିର ସ୍ଥିତି କିଛି ଏମିତି ଥିବା ଦେଖିବାକୁ ମିଳିଛି। ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପ୍ରାଚୀନ ମନ୍ଦିର ପଡ଼ିରହିଥିବା ବେଳେ ପ୍ରତ୍ନତତ୍ତ୍ୱ ବିଭାଗର ଶୁଭଦୃଷ୍ଟି ପଡୁନାହିଁ। କୋଟିତୀର୍ଥ ଗଳିରେ ଅବସ୍ଥିତ ନବମ-



ଦଶମ ଶତାବ୍ଦୀର ସୁବର୍ଣ୍ଣ ଜଳେଶ୍ୱର ମନ୍ଦିର ପଞ୍ଚରଥ ଶୈଳୀରେ ନିର୍ମିତ। ଏହି ମନ୍ଦିରର କାରୁକାର୍ଯ୍ୟର ବୈଶିଷ୍ଟ୍ୟ ହେଉଛି ଅଙ୍ଗଶିଖର। ଯାହାକୁ ଦେଖିବା ପାଇଁ ଗବେଷକମାନେ ବିଭିନ୍ନ ସମୟରେ ଖୋଜିଖୋଜି ଏଠାକୁ ଆସନ୍ତି। ହେଲେ ଏବେ ମନ୍ଦିର ଜରାଜୀର୍ଣ୍ଣ। ରକ୍ଷଣାବେକ୍ଷଣ ହେଉନଥିବାରୁ ପଥର କ୍ଷୟ ହେଉଛି। ମନ୍ଦିର ଉପର ଓ ଚାରି ପାଖରେ ଅନାବନା ଗଛଲତା ମାଡ଼ି ଯାଇଛି। ମନ୍ଦିରରେ ଦିଅଁ କିମ୍ବା ପାର୍ଶ୍ୱ ଦେବଦେବୀ ମଧ୍ୟ ନାହାନ୍ତି। ରକ୍ଷଣାବେକ୍ଷଣ ହେଉନଥିବାରୁ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରାୟତଃ କ୍ଷୟ ହୋଇଗଲାଣି। ବର୍ଷା ହେଲେ ମନ୍ଦିର ଭିତରେ ପାଣି ଗଳୁଛି। ନିକଟରେ ଥିବା ସମ୍ପୂର୍ଣ୍ଣ ଜଳେଶ୍ୱର ମନ୍ଦିର ଅବସ୍ଥା ସମାନ। ଏଠି ଦିଅଁ ଅଛନ୍ତି, ହେଲେ ପାର୍ଶ୍ୱ ଦେବଦେବୀ ମୂର୍ତ୍ତି ନାହିଁ। ମନ୍ଦିର ପାଚେରି ଭାଙ୍ଗିପଡ଼ିଛି। ବିଏମ୍‌ସି ଡାକ୍ତରଖାନା ନିକଟରେ ଥିବା ତ୍ରୟୋଦଶ ଶତାବ୍ଦୀର ଐଶାନେଶ୍ୱର ମନ୍ଦିର ଆଗରୁ ତାଲା ପଡ଼ିଛି। ମନ୍ଦିର ପରିସର ଜଙ୍ଗଲରେ ପରିଣତ ହୋଇଛି। ୧୪ଶହ ଶତାବ୍ଦୀର ମଙ୍ଗଳେଶ୍ୱର ମନ୍ଦିର ପରିସର ସଫା ଥିଲେ ବି ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିର ନଷ୍ଟ ହୋଇଗଲାଣି। ଭବାନୀଶଙ୍କର ମନ୍ଦିର ଭାଙ୍ଗିରୁଜି ଗଲାଣି। ସେହିପରି ଡାକରା ଭୀମେଶ୍ୱର, ନୀଳକଣ୍ଠେଶ୍ୱର, ମୋହିନୀ ମନ୍ଦିର ଭଳି ବହୁ ମନ୍ଦିର ଠିକ୍ ଏମିତି ଅବହେଳିତ ହୋଇ ପଡ଼ିରହିଛି। ଆଶ୍ଚର୍ଯ୍ୟର କଥା, ରାଜ୍ୟ ପ୍ରତ୍ନତତ୍ତ୍ୱ ଅଧୀନରେ ଥିବା ଏହି ମନ୍ଦିର ଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉ ନଥିବା ବେଳେ ରାଜ୍ୟ ପ୍ରତ୍ନତତ୍ତ୍ୱ ଟଙ୍କା ଖର୍ଚ୍ଚ କରିନପାରି ସରକାରଙ୍କୁ ଫେରାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ୟୟବରାଦ ହୋଇଥିବା ସମସ୍ତ ୧୫ କୋଟି ଟଙ୍କା ଖର୍ଚ୍ଚ ନହୋଇ ଅର୍ଥ ବିଭାଗକୁ ଫେରିଯାଇଛି। ଚଳିତ ବର୍ଷ ପୁଣି ଆସିଥିବା ୧୫ କୋଟି ଟଙ୍କାରୁ ଏଯାଏ ଟଙ୍କାଟିଏ ବି ଖର୍ଚ୍ଚ ହୋଇନାହିଁ। ରାଜ୍ୟ ପ୍ରତ୍ନତତ୍ତ୍ୱ ଅଧୀନରେ ୨୧୩ଟି ସଂରକ୍ଷିତ ଓ ୩ ହଜାରୁ ଅଧିକ ଅଣସଂରକ୍ଷିତ ମନ୍ଦିରରୁ ଅଧିକାଂଶ ଅବସ୍ଥା ଭଲ ନାହିଁ। ହେଲେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ମିଳୁଥିବା ଅନୁଦାନ କାହିଁକି ଖର୍ଚ୍ଚ ହେଉନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି।

# ପୁସ୍ତକ ବଦଳରେ ହତିଆର ଧରୁଛନ୍ତି ନାବାଳକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଘଟୁଥିବା ଅପରାଧରେ ଏବେ ନାବାଳକଙ୍କ ଭୂମିକା ଅଧିକ ରହୁଛି । ପୋଲିସ ବହୁ ହାର୍ଡ଼କୋର ଅପରାଧୀଙ୍କୁ କାବୁ କରୁଥିବା ବେଳେ ସମ୍ପ୍ରତି ନାବାଳକମାନେ ଅପରାଧ ଦୁନିଆରେ ଧୀରେ ଧୀରେ ପାଦ ଥାପିବା ଆରମ୍ଭ କଲେଣି । ଯାହାକି ସମସ୍ତଙ୍କ ପାଇଁ ଚିନ୍ତାର କାରଣ । ଗଞ୍ଜାମ ଜିଲ୍ଲାର ଅପରାଧ ରେକର୍ଡ଼ ଅନୁସାରେ ଗତ ତିନିବର୍ଷ ମଧ୍ୟରେ ୨୭୬ଟି ମାମଲାରେ ୩୫୩ ଜଣ ନାବାଳକ ବିଭିନ୍ନ ଅପରାଧ ଘଟଣାରେ ଜଡ଼ିତ ରହିଛନ୍ତି । ସେମାନଙ୍କ ମଧ୍ୟରୁ ୨୯୧ ଜଣ ନାବାଳକ ଅପରାଧୀଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି । ସବୁଠୁ ଉଦ୍‌ବେଗର ବିଷୟ ଯେତିକି ନାବାଳକ ଧରାପଡ଼ିଛନ୍ତି ସେମାନଙ୍କ ମଧ୍ୟରୁ ୧୦୫ ଜଣଙ୍କ ବୟସ ୧୬ ବର୍ଷରୁ କମ୍ ରହିଛି । ଯେଉଁ ବୟସରେ ପାଠ ପଢ଼ି ନିଜର ଭବିଷ୍ୟତ ଗଠନ ଚିନ୍ତା କରିବା କଥା, ସେ ସମୟରେ ନାବାଳକମାନେ ହାତରେ ହତିଆର ଧରି ଅପରାଧୀ ସାଜୁଛନ୍ତି । ବିଭିନ୍ନ ମାମଲାରେ ନାବାଳକ ଧରାପଡ଼ିବା ପରେ ସେମାନଙ୍କୁ ଆବଶ୍ୟକ କାଉନ୍‌ସେଲିଂ କରାଯାଉଛି । ତଥାପି ସେମାନଙ୍କ ଆଚରଣରେ ସୁଧାର ପରିଲକ୍ଷିତ ହେଉନାହିଁ । ଗଞ୍ଜାମ ପୋଲିସ ଜିଲ୍ଲାରେ ଗତ ୨୦୦୨ ରୁ ୨୦୨୪ ମଧ୍ୟରେ ୧୪୧ଟି ଅପରାଧ ମାମଲାରେ ୧୫୩ ଜଣଙ୍କ ସମ୍ପୃକ୍ତି ରହିଥିବା ବେଳେ ୧୫୨ ଜଣ ନାବାଳକ ଧରାପଡ଼ିଛନ୍ତି । ସେମାନଙ୍କ ମଧ୍ୟରୁ ୪୦ ଜଣ ନାବାଳକଙ୍କ ବୟସ ୧୬ ବର୍ଷ ଓ ତାଠାରୁ କମ୍ ରହିଛି । ସେହିପରି ବ୍ରହ୍ମପୁର ପୋଲିସ ଜିଲ୍ଲାରେ ମଧ୍ୟ ୨୦୨୨ ରୁ ୨୦୨୪ ମଧ୍ୟରେ ମୋଟ୍ ୧୩୫ଟି ଅପରାଧ ମାମଲାରେ ୨୦୦ ଜଣ ନାବାଳକଙ୍କ ସମ୍ପୃକ୍ତି ରହିଥିବା ପ୍ରମାଣ ମିଳିଥିଲା ।

**୩ ବର୍ଷରେ ଗଞ୍ଜାମରେ ଧରାପଡ଼ିଲେଣି ୨୯୧ ଜଣ**
**୧୬ ବର୍ଷ ବୟସ ତଳକୁ ରହିଛନ୍ତି ୧୦୫**

ସେମାନଙ୍କ ମଧ୍ୟରୁ ୧୩୯ ଜଣ ନାବାଳକ ରହିଛନ୍ତି । ଏମାନଙ୍କ ମଧ୍ୟରୁ ୬୫ ଜଣଙ୍କ ବୟସ ୧୬ ବର୍ଷ ଓ ତା' ଠାରୁ କମ୍ ରହିଛି । ଗଞ୍ଜାମ ଜିଲ୍ଲାରେ ବିଗତ ବର୍ଷରେ ଘଟିଥିବା ହତ୍ୟା, ଲୁଟ୍, ଡକାୟତି ଭଳି ବହୁ ସଙ୍ଗୀନ ଅପରାଧରେ ନାବାଳକଙ୍କ ସମ୍ପୃକ୍ତି ରହିଥିବା ପୋଲିସ ତଦନ୍ତରେ ଜଣାପଡ଼ିଛି । ଅପରାଧ ମାମଲାରେ ନାବାଳକ ଧରାପଡ଼ିବା ପରେ ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ଼ରେ ହାଜର କରି ବାଳ ସୁଧାର ଗୃହକୁ ପଠାଯାଉଛି । ବ୍ରହ୍ମପୁରରେ ଥିବା ବାଳ ସୁଧାର ଗୃହରେ ରହୁଥିବା ନାବାଳକଙ୍କ ମାନସିକ ସ୍ଥିତିରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରାଯାଇଥାଏ । ଏଥିପାଇଁ ସେଠାରେ କାଉନ୍‌ସେଲର ମଧ୍ୟ ରହିଛନ୍ତି । ନାବାଳକମାନେ କେଉଁ ପରିସ୍ଥିତିରେ ପଡ଼ି ଅପରାଧ ଘଟାଉଛନ୍ତି, ତାହା ବୁଝିବା ପରେ ସେମାନଙ୍କୁ ଠିକ୍ ରାସ୍ତାକୁ ଆଣିବାକୁ ପ୍ରୟାସ କରାଯାଇଥାଏ । କିନ୍ତୁ ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି ଯେ ନାବାଳକମାନେ ବାଳ ସୁଧାର ଗୃହରୁ ଆସି ପୁଣି ଥରେ ଅପରାଧ ମାମଲାରେ ଲିପ୍ତ ରହୁଛନ୍ତି । ଏପରିକି ବାଳ ସୁଧାର ଗୃହର କର୍ମଚାରୀଙ୍କୁ ଲହୁଲୁହାଣ କରି ଚମ୍ପଟ ମାରିବା ଘଟଣା ମଧ୍ୟ ବିଗତ ବର୍ଷରେ ଘଟି ସାରିଛି । ଗତ ଜାନୁଆରୀ ୪ରେ କେ. ନୂଆଗାଁ ଥାନା ଅଧୀନ ଖମ୍ବାରିଗାଁ ପଞ୍ଚାୟତ କାମରାଖାଲ ଗ୍ରାମରେ ଛେଳି ବାଡ଼ରେ ପଶି କାନ୍ଦୁଲ ଫସଲ ଖାଇବାକୁ କେନ୍ଦ୍ର କରି ସୁରେନ୍ଦ୍ର ଶବର (୫୫) ଙ୍କୁ ଦୁଇ ନାବାଳକ ବାଉଁଶରେ ପିଟି ପିଟି ହତ୍ୟା କରିବା ଘଟଣା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ସେହିପରି ଏବେ ଅନେକ ଚୋରୀ, ଲୁଟ୍ ଓ ହତ୍ୟା ଉଦ୍ୟମ ମାମଲାରେ ନାବାଳକଙ୍କ ସମ୍ପୃକ୍ତି ରହିଥିବା ପୋଲିସ ତଦନ୍ତରେ ଜଣାପଡ଼ିଛି ।

## ସମୟର ଚକ୍ରରେ ପ୍ରକୃତି:କ୍ରମଶଃ ଲୋପ ପାଉଛନ୍ତି ସାଧବ ବୋହୂ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦିନକୁ ଦିନ ବିଜ୍ଞାନର ଯେତିକି ଅଗ୍ରଗତି ହେଉଛି ଜୀବଜଗତ ସେମିତି କ୍ଷତି ହେବାରେ ଲାଗିଛି । ନୂତନ ଯନ୍ତ୍ରପାତି ଆବିଷ୍କାର ବେଳେ ଅନେକ ଜୀବଜଗତରୁ ଲୋପ ପାଇବାରେ ଲାଗିଛନ୍ତି । କୋରାପୁଟ ଜିଲ୍ଲାରେ ବର୍ଷାର ଆଗମନରେ ଅଞ୍ଚଳର ବିଲବାଡ଼ି, ପଡ଼ିଆରେ ଆପେ 'ସାଧବ ବୋହୂ' ବହୁ ସଂଖ୍ୟାରେ ଦେଖିବାକୁ ମିଳୁଥିଲା ଓ ଧୀରେ ଧୀରେ ଏହା ଆଉ ପ୍ରାୟତଃ ଦେଖାଯାଉନାହାନ୍ତି । ବର୍ଷା ପରେ ଯେତେବେଳ ଘାସ ତିଆରି ହୋଇ ଧରଣୀ ରାଣୀକୁ ସବୁଜ ଶାଢ଼ୀ ପିନ୍ଧାଇ ଦିଏ, ସେହି ସମୟରେ ପ୍ରକୃତିର କେଉଁ କୋଣରୁ ଲାଲ ଟୁକ୍‌ଟୁକ୍ ସାଧବ ବୋହୂମାନେ ମାଟି ଉପରକୁ ବାହାରିପଡ଼ି ପ୍ରକୃତିର ସୌନ୍ଦର୍ଯ୍ୟକୁ ଶତଗୁଣ କରି ସଜାଇ ଦିଅନ୍ତି । ଏ ଦୃଶ୍ୟ ଦେଖି କବି ଓ ପ୍ରକୃତି ପ୍ରେମୀମାନଙ୍କୁ ଭାବପ୍ରବଣ କରିଦିଏ । ସାଧବ ବୋହୂର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ କୁନି ଛୋଟ ପିଲା ଠାରୁ ଆରମ୍ଭ କରି ବଡ ପର୍ଯ୍ୟନ୍ତ ଖୁବ୍ ଆନନ୍ଦ ଅନୁଭବ କରିଥାନ୍ତି । ହାତରେ ଗୋଟାଇ ଖେଳିବାରେ ମାତିଯାନ୍ତି । କିନ୍ତୁ ବର୍ତ୍ତମାନ ଦିନ ଆସିଛି ସେହି ଛୋଟ ଜୀବଟି ପ୍ରକୃତିର ପ୍ରତିକୂଳ ପରିବେଶରେ ଖାପ ଖୁଆଇ ନପାରି ଦିନକୁ ଦିନ ଧରା ବକ୍ଷରୁ ଉଭେଇ ଯାଉଛନ୍ତି । ସାଧବ ବୋହୂ ଏକ କୀଟ ପ୍ରଜାତିର । ଏହି କୀଟ ବର୍ଷା ଦିନରେ ମାଟି ଭିତରୁ ଉପରକୁ ଆସନ୍ତି ଆସିବା ରାସ୍ତାରେ ମାଟି ଭିତରେ ଏକ ସୁଡ଼ଙ୍ଗ ରାସ୍ତା ସୃଷ୍ଟି ହୁଏ । ଯାହାଦ୍ୱାରା ଅମ୍ଳଜାନ ବାଷ୍ପ ମାଟି ଭିତରକୁ ସୁବିଧାରେ ପ୍ରବେଶ କରି ଚାଷ ଜମିକୁ ଉର୍ବର କରିଥାଏ ବୋଲି ଚାଷୀମାନେ ବିଶ୍ୱାସ କରିଥାନ୍ତି । ଏହା ଏକ କ୍ଷତିକାରକ କୀଟ ନୁହଁନ୍ତି । ଏମାନଙ୍କ ବର୍ତ୍ତମାନ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାର ରାସାୟନିକ ସାର ଓ କୀଟନାଶକ ଅଧିକ ମାତ୍ରାରେ ଚାଷୀ ଜମି ମାନଙ୍କରେ ବ୍ୟବହାର ଯୋଗୁଁ ସାଧବ ବୋହୂର ବଂଶ ଲୋପ ପାଇଯାଉଛି ବୋଲି ପ୍ରକୃତି ପ୍ରେମୀମାନେ ମତ ଦେଉଛନ୍ତି । ପତଙ୍ଗମାନଙ୍କୁ ଯେପରି ଅନୁକୂଳ ପରିବେଶରେ ବଞ୍ଚାଇ ରଖାଯାଉଛି ସେହିଭଳି ଏହି ନିର୍ଭିକ କୀଟର ସୁରକ୍ଷା କରାଯାଉ ବୋଲି ପ୍ରକୃତି ପ୍ରେମୀମାନେ ଦାବି କରୁଛନ୍ତି ।



## ୩ ବର୍ଷ ପରେ ୩୨୬ ଶିକ୍ଷକଙ୍କ ବଦଳି ହେଲା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

୩ ବର୍ଷ ପରେ ଜିଲ୍ଲାରେ ୩୨୬ ଜଣ ପ୍ରାଥମିକ ଶିକ୍ଷକଙ୍କୁ ବଦଳି କରାଯାଇଛି । ଏହାପୂର୍ବରୁ ୨୦୨୨ ମସିହାରେ ପ୍ରଶାସନର ନିର୍ଦ୍ଦେଶରେ କିଛି ଶିକ୍ଷକଙ୍କୁ ବଦଳି କରାଯାଇଥିଲା। ଜିଲ୍ଲାର ବହୁ ପ୍ରାଥମିକ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ନେଇ ପାଠପଢା ଚାଲୁଥିବାର ଜିଲ୍ଲାପାଳଙ୍କ ନିକଟକୁ ଅଭିଯୋଗ ଫର୍ଦ୍ଦମାନ ଲମ୍ବିଚାଲିଥିଲା। ଫଳରେ ପିଲାଙ୍କ ପାଠପଢା ବାଧାପ୍ରାପ୍ତ ଘଟିବା ସହ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଶିକ୍ଷାଦାନ ପ୍ରକ୍ରିୟାରେ ଏଭଳି ଅବ୍ୟବସ୍ଥାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ବିଦ୍ୟାଳୟ ଗୁଡିକର ଉପସ୍ଥାନ ସଂଖ୍ୟା ଅନୁଯାୟୀ ଶିକ୍ଷକ ନିଯୁକ୍ତି ସମ୍ପର୍କରେ ଡାଟା ସଂଗ୍ରହ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ବ୍ଲକ୍ ଶିକ୍ଷାଧିକାରୀ ରହିବା ସହ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତଙ୍କୁ ଏହାର ତଦାରଖ ଦାୟିତ୍ୱ ଦିଆଯାଇଥିଲା। ସରକାରଙ୍କ ଗାଇଡ୍ ଲାଇନ୍ ଅନୁସାରେ ପ୍ରତି ବିଦ୍ୟାଳୟରେ ଅତି କମ୍‌ରେ ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଜିଲ୍ଲାର ୭ଟି ବ୍ଲକ୍‌ରେ ସମୁଦାୟ ୧୦୧ଟି ଏକକ ଶିକ୍ଷକ ଥିବା ବିଦ୍ୟାଳୟ ଗୁଡିକୁ ଆଉ ଜଣେ ଅତିରିକ୍ତ ଶିକ୍ଷକଙ୍କୁ ଏବେ ନିଯୁକ୍ତି ଦିଆଯାଇଛି । ସେହିପରି ୨୨୫ଟି ବିଦ୍ୟାଳୟରେ ଉପସ୍ଥାନ ସଂଖ୍ୟାକୁ ଦୃଷ୍ଟିରେ ରଖି ଆନୁପାତିକ ହାରରେ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବାର ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ କହିଛନ୍ତି। ଏହାବ୍ୟତୀତ ଯେଉଁ ବିଦ୍ୟାଳୟ ଗୁଡିକରେ ଉପସ୍ଥାନ ସଂଖ୍ୟା ଅନୁସାରେ ଅଧିକ ଶିକ୍ଷକ ଅଛନ୍ତି, ସେହି ବିଦ୍ୟାଳୟ ଗୁଡିକରୁ ଗରିଷ୍ଠତା ଭିତିରେ ସିନିୟର ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ କମ୍ ସଂଖ୍ୟକ ଶିକ୍ଷକ ଥିବା ବିଦ୍ୟାଳୟ ମାନଙ୍କରେ ନିଯୁକ୍ତି ଦିଆଯାଇଛି । ବିଭାଗୀୟ ସୂଚନା ଅନୁଯାୟୀ ବାସୁଦେବପୁର ବ୍ଲକ୍‌ରେ ୮ ଜଣ ଏକକ ଶିକ୍ଷକ ଓ ୫୫ ଜଣଙ୍କୁ ଉପସ୍ଥାନ ସଂଖ୍ୟାନୁଯାୟୀ କମ୍ ସଂଖ୍ୟକ ଥିବା ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଛି । ସେହିପରି ଭଦ୍ରକରେ ୨୧ ଜଣ ଏକକ ଶିକ୍ଷକ ଓ ୮୮ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଭଣ୍ଡାରିପୋଖରୀରେ ୧୧ ଜଣ ଏକକ ଶିକ୍ଷକ ଓ ୧୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ବନ୍ତରେ ୯ ଜଣ ଏକକ ଶିକ୍ଷକ ଓ ୨୮ ଜଣଙ୍କୁ, ଚାନ୍ଦବାଲିରେ ୨୮ ଜଣ ଏକକ ଶିକ୍ଷକ ଓ ୨୭ ଜଣ, ତିହିଡିରେ ୧୫ ଜଣ ଏକକ ଓ ୧୨ ଜଣ ଓ ଧାମନଗର ବ୍ଲକ୍‌ରେ କେବଳ ୯ ଜଣ ଏକକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ତେବେ ଏହିସବୁ ନିଯୁକ୍ତି ଆନୁପାତିକ ହାରରେ ଦିଆଯାଇଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

## ଜମି ଅଧିଗ୍ରହଣରେ ବିଳମ୍ବ:କପିଳପ୍ରସାଦ-ହରିରାଜପୁର ରାସ୍ତା ନିର୍ମାଣ ହୋଇପାରୁନି



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

୪ ବର୍ଷରୁ ଅଧିକ ସମୟ ବିତିଗଲାଣି । ହେଲେ କପିଳପ୍ରସାଦ-ହରିରାଜପୁର ରାସ୍ତା ନିର୍ମାଣ ଶେଷ ହୋଇପାରୁନି । ହରିରାଜପୁର ଆଡୁ ରାସ୍ତା କାମ ହୋଇଆସୁଥିଲେ ହେଁ ଆହୁରି ଜମି ଅଧିଗ୍ରହଣ ବାକି ଅଛି । ପ୍ରାୟ ୯୦ ଭାଗ ଜମି ଅଧିଗ୍ରହଣ ଶେଷ ହୋଇଛି । ତେବେ ରାସ୍ତା ମଝିରେ ବୋତଣ୍ଡା ନିକଟ ବ୍ରିଜ୍‌ର କାମ ଶେଷ ହୋଇପାରୁନି । ଡ୍ରେନ୍ କାମ ମଧ୍ୟ ପ୍ରାୟ ୭୦ ଭାଗ ଶେଷ ହୋଇଛି । ଏତେ ଦିନ ଧରି ରାସ୍ତା ନିର୍ମାଣ ଶେଷ ହେଉନଥିବାରୁ ଏହା ବିରୋଧରେ ମିଳିତ ମହାମଞ୍ଚ ପକ୍ଷରୁ ଲୋକାୟୁକ୍ତରେ ଅଭିଯୋଗ କରାଯିବାକୁ ଚେତାବନୀ ଦିଆଯାଇଛି । ପୂର୍ତ୍ତ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ରାସ୍ତାକୁ ତିନି ଭାଗରେ ବିଭକ୍ତ କରାଯାଇଛି । କୁହାରୁ ହରିରାଜପୁର, ବୋତଣ୍ଡାରୁ କୁହା, ବୋତଣ୍ଡାରୁ ସୁନ୍ଦରପଦା ପର୍ଯ୍ୟନ୍ତ ଏହି ରାସ୍ତାକୁ ଭାଗ କରାଯାଇଛି । କୁହାରୁ ହରିରାଜପୁର ରାସ୍ତା ଚାରି ଲେନ୍ ରହିବା ସହ ମଝିରେ ଅଢ଼େଇ ମିଟର ମେଡିଆନ୍ ରହିବ । ୮ କିଲୋମିଟର ରାସ୍ତାରେ ପ୍ରଧାନସାହି, ଜାମୁକୋଳି, ନିରଞ୍ଜନପୁର ଆଦି ସ୍ଥାନରେ ଅନେକ ଲୋକଙ୍କ ଘରୋଇ ଜମି ରହିଛି । ଏହାକୁ ଅଧିଗ୍ରହଣ କରାଯିବ । ଏହି ରାସ୍ତାରେ ଥିବା କିଛି ଗଛ କାଟିବାକୁ ବନବିଭାଗରୁ ଅନୁମତି ମିଳିଛି । ସେହିପରି ବିରିବନ୍ଧ ଠାରେ ଗୋଟିଏ ପାର୍ଶ୍ୱ ଗଙ୍ଗୁଆ ବନ୍ଧ ଉପରେ ରହୁଥିବାରୁ ସେଠାରେ ୨ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟରେ ବ୍ରିଜ୍ କରାଯାଉଛି । କପିଳପ୍ରସାଦରୁ ଜଟଣୀକୁ ଲମ୍ବିଥିବା ୧୪ କିଲୋମିଟର ରାସ୍ତାରେ ବହୁ ସରକାରୀ ଜମି ସହିତ ଘରୋଇ ଜମି ରହିଛି । ଏହା ଅଧିଗ୍ରହଣ ହେବାରେ ବିଳମ୍ବ ହେଉଥିବାରୁ କାମ ଶେଷ ହୋଇପାରୁନଥିବା କୁହାଯାଇଛି । ଏହି ରାସ୍ତା ଉପରେ ଜଟଣୀ ଓ ପିପିଲି ନିର୍ବାଚନ ମଣ୍ଡଳୀର ହଜାର ହଜାର ଲୋକ ପ୍ରତିଦିନ ଯାତାୟାତ କରୁଛନ୍ତି । ୨୦୦୯ ମସିହାରୁ ଏହାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ୨୦୧୨ ମସିହାରେ ଏହି ରାସ୍ତାର ନବୀକରଣ ପାଇଁ ପ୍ରସ୍ତାବ ଆସିଥିଲା । ଇତିମଧ୍ୟରେ ୧୦ ବର୍ଷ ବିତିଯାଇଥିଲେ ବି କେବଳ ତାଳିପକା ପିଚୁ ପକାଇ ମରାମତି କରାଯାଉଛି ସିନା ନବୀକରଣ ହେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଏନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଜଣେ ଅଧିକାରୀ କହିଛନ୍ତି, ବର୍ଷା ଯୋଗୁଁ କାମ ଧିମା ହୋଇଛି । ଜମି ଅଧିଗ୍ରହଣ ଶେଷ ହେଲେ କାମ ଶୀଘ୍ର ସରିବ । ଖୁବ୍‌ଶୀଘ୍ର ବ୍ରିଜ୍ କାମ ସାରିବାକୁ ଲକ୍ଷ୍ୟ ରଖିଛୁ ।

## କେନ୍ଦୁଝରଗଡ ପୌରାଞ୍ଚଳରେ ମଶା ଆତଙ୍କ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ କିଛି ଦିନ ହେବ ସହରରେ ବର୍ଷା ଛାଡ଼ିବାର ନା ନେଉନାହିଁ । ଏହା ଫଳରେ ସହରର ବିଭିନ୍ନ ଗଳି କନ୍ଦିରେ ପାଣି ଜମି ରହିଛି । ଫଳରେ ମଶାମାଛିଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏହାକୁ ରୋକିବାକୁ ପୌରପାଳିକା ନିରୁପାୟ ହୋଇପଡିଥିବା ଅଭିଯୋଗ ହେଉଛି । ପୌରପାଳିକା ପକ୍ଷରୁ ପ୍ରାୟତଃ ବିଭିନ୍ନ ୱାର୍ଡରେ ମଶା ତେଲ ହେଉକି ମଶା ଧୂଆଁ ଦିଆଯାଉନାହିଁ । ଏପରିକି ନାଳ ନର୍ଦ୍ଦମା ଗୁଡିକରେ ବ୍ଲିଚିଂ ମଧ୍ୟ ପକାଯାଇନଥିବା ଅଭିଯୋଗ ହେଉଛି । ଏନେଇ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସ୍ୱଚ୍ଛସାଥୀ ମାନଙ୍କୁ ମାସତେଲ ଦିଆଯାଇଥିବା ବେଳେ ଗୋଟେ ମଶା ଧୂଆଁ ଗାଡି ବୁଲୁଥିବା ପ୍ରକାଶ କରିଛନ୍ତି ।

## ଭୂତଳ ତୈଳ ଭଣ୍ଡାର ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଅଞ୍ଚଳବାସୀଙ୍କୁ ନୋଟିସ୍

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବହୁ ଦିନର ପ୍ରତୀକ୍ଷା ପରେ ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀରେ ପ୍ରସ୍ତାବିତ ଭୂତଳ ତୈଳ ଭଣ୍ଡାର ହେବ । ଏନେଇ ଧର୍ମଶାଳା ତହସିଲ ପକ୍ଷରୁ ସ୍ଥାନୀୟ ଡଙ୍କାରୀବାସୀଙ୍କୁ ନୋଟିସ୍ କରାଯାଇଛି । ଡଙ୍କାରୀ ମୌଜାର ଖାତା ନଂ ୪୬୮, ଖସଡା ୪୫/୨୨୮୪, ୧୨୮/୨୨୮୫, ୧୪୦/ ୨୨୦୬ଓ୧୫୯୬ରକବା ଏ ୧୦୦, ୮୪୩, ଏ୫୭, ୮୮୭, ଏ୧୬୩, ୪୯୦, ଏ ୭୬, ୭୮୦ ମୋଟ ଏ ୪୦୦.୦୦ (ଏକର) କିସମ ପର୍ବତ ରେକର୍ଡ ଆବାଦ ଅଯୋଗ୍ୟ ଅନାବାଦୀ ସରକାରୀ ଜମି ରହିଛି । ଉକ୍ତ ଜମିକୁ ଇଡ୍‌କୋକୁ ହସ୍ତାନ୍ତର ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଭୂତଳ ତୈଳ ଭଣ୍ଡାର ନିର୍ମାଣ କରାଯିବ । ତେଣୁ ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କର କୌଣସି ଆପତି ଅଭିଯୋଗ ରହିଥିଲେ ଉକ୍ତ ନୋଟିସ୍ ଜାରିର ୧୫ଦିନ ମଧ୍ୟରେ ତହସିଲ କାର୍ଯ୍ୟାଳୟରେ ସିଧାସଳଖ ଅଭିଯୋଗ କରିପାରିବେ । ଧାର୍ଯ୍ୟ ସମୟ ପରେ ଅଭିଯୋଗ ଆସିଲେ ସେହି ଅଭିଯୋଗକୁ ଗ୍ରହଣ କରାଯିବ ନାହିଁ ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୫୦୭୩ରେ ନୋଟିସ୍ ଜାରି କରାଯାଇଛି ।

## ଆଧାର କାର୍ଡରେ ତ୍ରୁଟି:ସହସ୍ରାଧିକ ପିଲାଙ୍କ ଭବିଷ୍ୟତ ଅନ୍ଧାର

**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**

ବିଦ୍ୟାଳୟରେ ନାମଲେଖା ନିମନ୍ତେ ଆଧାରକାର୍ଡ ବାଧ୍ୟତାମୂଳକ। ଆଦିବାସୀ ଅଧୁଷିତ କୋରାପୁଟ ଜିଲ୍ଲାରେ ହଜାର ହଜାର ପିଲାଙ୍କ ଏଯାଏ ଆଧାରକାର୍ଡ ହୋଇପାରିନି। ସେହିପରି ହଜାର ହଜାର ପିଲାଙ୍କ ଆଧାରକାର୍ଡରେ ରହିଛି ତ୍ରୁଟି। ତେଣୁ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବାର ସମ୍ଭାବନା ରହିଛି। ଅନ୍ୟପଟେ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗୋଟିଏ ଆଇଡିରେ ସମସ୍ତ ତଥ୍ୟ ମହଜୁଦ ରଖିବା ପାଇଁ ଆପାର ଆଇଡି ଖୋଲିବାକୁ ସରକାର ଗୁରୁତ୍ୱାରୋପ କରିଛନ୍ତି। ତେବେ ଆଧାରକାର୍ଡ ନଥିବା କିମ୍ବା କାର୍ଡରେ ତ୍ରୁଟି ଯୋଗୁଁ ଏହି ଆଇଡି ଖୋଲିପାରୁନି। କୋରାପୁଟ ଜିଲ୍ଲାରେ ପ୍ରାୟ ୨୨ ହଜାର ଛାତ୍ରଛାତ୍ରୀଙ୍କ ଏଯାଏ ଆଧାରକାର୍ଡ ହୋଇପାରିନି। ଯେଉଁ ପିଲାଙ୍କ କାର୍ଡ ରହିଛି ତାହାର ତଥ୍ୟ ଜନ୍ମ ପ୍ରମାଣପତ୍ର ସହ ମେଳ ଖାଉନି। ଯାହାଫଳରେ ପ୍ରାୟ ୪୭ ପ୍ରତିଶତ ପିଲାଙ୍କ ଆପାର ଆଇଡି ଖୋଲିପାରିନି। ସରକାରୀ ତଥ୍ୟ



ଅନୁସାରେ ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ପ୍ରାୟ ୨ ଲକ୍ଷ ୮୧ ହଜାର ୫୩୦ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସେଥିରୁ ପ୍ରାୟ ୨୨ ହଜାର ଛାତ୍ରଛାତ୍ରୀଙ୍କ ଆଧାରକାର୍ଡ ପରିବାର ବର୍ଗ ଦାଖଲ କରିନାହାନ୍ତି। ସେହିପରି ୫ ହଜାର ଛାତ୍ରଛାତ୍ରୀଙ୍କ ଆଧାରକାର୍ଡରେ ତ୍ରୁଟି ଯୋଗୁଁ ଆପାର ଆଇଡିରେ ପଞ୍ଜୀକରଣ ହୋଇପାରୁନି। ଆଜି ସୁଦ୍ଧା ୧,୫୦,୭୩୮ ଜଣ ଛାତ୍ରଛାତ୍ରୀଙ୍କ ଆପାର ଆଇଡି ଖୋଲାଯାଇଛି। ଯାହା ମୋଟ ଛାତ୍ରଛାତ୍ରୀଙ୍କ ୫୩ ପ୍ରତିଶତ। ବିବାଦୀୟ ଭୂଖଣ୍ଡ କୋଟିଆରେ ବି ଏହି ସମସ୍ୟା ଦେଖିବାକୁ ମିଳିଛି। କୋଟିଆରେ ମଙ୍ଗଳ ବିଭାଗର ଦୁଇଟି ବିଦ୍ୟାଳୟ, ଗୋଟିଏ ଆଦର୍ଶ ବିଦ୍ୟାଳୟ ସମେତ ମୋଟ ୨୦ଟି ବିଦ୍ୟାଳୟ ରହିଛି। ମୋଟ ୧୭୮୦ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସେଥିରୁ ୨୨୮ ଜଣ ଛାତ୍ରଛାତ୍ରୀଙ୍କ ଆଧାରକାର୍ଡ ନଥିବା ଜଣାପଡ଼ିଛି। ସେହିପରି ଆଧାରକାର୍ଡରେ ତ୍ରୁଟି କିମ୍ବା ବୈଷୟିକ କାରଣରୁ ଆପାର ଆଇଡିରେ ବହୁ ପିଲାଙ୍କ ପଞ୍ଜୀକରଣ ହୋଇପାରୁନି। ଯାହାଫଳରେ ୪୪ ପ୍ରତିଶତ ପିଲାଙ୍କ ଆପାର ଆଇଡି ଖୋଲିଥିବା ବେଳେ ୫୬ ପ୍ରତିଶତ ପିଲାଙ୍କ ଆପାର ଆଇଡି ଖୋଲିପାରୁନି। କୋଟିଆରେ ବହୁ ପିଲାଙ୍କ ଆନ୍ଧ୍ରର ଆଧାରକାର୍ଡ ରହିଛି। ପୁଣି ବିଦ୍ୟାଳୟରେ ନାମ ଲେଖାଇବା ସମୟରେ ଯେଉଁ ନାମ ଓ ଜନ୍ମ ତାରିଖ ରହୁଛି ତାହା ଆଧାରକାର୍ଡ ସହ ମେଳ ଖାଉନି। ସେହିପରି କିଛି ପିଲାଙ୍କ ଆପାର ଆଇଡି ଆନ୍ଧ୍ରରେ ଖୋଲିସାରିଥିବାରୁ ଓଡ଼ିଶାରେ ଆଉ ଖୋଲିପାରୁନି। ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ହଜାର ହଜାର ପିଲାଙ୍କ ଜନ୍ମ ପ୍ରମାଣପତ୍ର ବି ନାହିଁ। ଆଧାରକାର୍ଡରେ ସଂଶୋଧନ ନିମନ୍ତେ ଜନ୍ମ ପ୍ରମାଣପତ୍ର ଆବଶ୍ୟକତା। ଜନ୍ମ ପ୍ରମାଣପତ୍ର ସଂଗ୍ରହ କରିବା କିମ୍ବା ଆଧାରକାର୍ଡ ସଂଶୋଧନ କରିବା ନିମନ୍ତେ ଟଙ୍କା ଆବଶ୍ୟକ ହେଉଛି। ଯାହା ଗରିବ ପରିବାର କ୍ଷେତ୍ରରେ ଖର୍ଚ୍ଚ କରିବା ସମ୍ଭବ ହେଉନାହିଁ। ତେଣୁ ପ୍ରଶାସନ ପକ୍ଷରୁ ଆଧାରକାର୍ଡ ସଂଶୋଧନ ଓ ଜନ୍ମ ପ୍ରମାଣପତ୍ର ପାଇଁ ଉଦ୍ୟମ ଚାଲୁରହିଛି।

## ୫୯ ନମ୍ବର ଜାତୀୟ ରାଜପଥରେ ବେଆଇନ୍ ପାର୍କିଂ:ବଢୁଛି ଦୁର୍ଘଟଣା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗମନା ଗମନ ସୁବିଧା ସହ ରାସ୍ତାରେ ଘଟୁଥିବା ଦୁର୍ଘଟଣା ରୋକିବାକୁ ସରକାର ସଡ଼କ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏଥିପାଇଁ କେଉଁଠି ଠିକା ସଂସ୍ଥାର ମନାମାନି ତ ଆଉ କେଉଁଠି ପରିବହନ ବିଭାଗର ଅବହେଳାରୁ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି । ରାସ୍ତା କଡ଼ରେ କିଛି ଅମାନିଆ ଟ୍ରକ୍ ଡ୍ରାଇଭର ଓ ମାଲିକଙ୍କ ବେଆଇନ୍ ପାର୍କିଂ କାରଣରୁ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଏଭଳି ଏକ ଚିତ୍ର ବ୍ରହ୍ମପୁର ଠାରୁ ଆସିକା ୫୯ ନମ୍ବର ଜାତୀୟ ରାଜପଥରେ ଦେଖିବାକୁ ମିଳିଛି । ଆସିକା ରୋଡ୍ ଫାଷ୍ଟଗେଟ୍ ଜାତୀୟ ରାଜପଥ ଦୁଇ ପାର୍ଶ୍ୱରେ ରାସ୍ତା ପାଲଟିଛି ଟ୍ରକ୍ ପାର୍କିଂ ଜୋନ୍ । ଜାତୀୟ ରାଜପଥରେ ମାଳ ମାଳ ଟ୍ରକ୍ ବେଆଇନ୍ ପାର୍କିଂ କରିବା କାରଣରୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ବେଆଇନ୍ ପାର୍କିଂକୁ ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ରାଜପଥ ଦେଇ ରାଜନେତା ଠାରୁ ଆରମ୍ଭ କରି ଆର୍‌ଡ଼ିସି, ଜିଲ୍ଲାପାଳ, ପୋଲିସ, ପରିବହନ ବିଭାଗର ଅଧିକାରୀ ଯାତାୟାତ କରୁଥିବାବେଳେ ଏଥିପ୍ରତି କାହାର ଦୃଷ୍ଟି ନପଡ଼ିବା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରୁଛି । ପ୍ରତିଦିନ ଶହ ଶହ ଭାରିଯାନ ଯିବା ଆସିବା କରୁଥିବା ବେଳେ ବେଆଇନ୍ ପାର୍କିଂ ଯୋଗୁଁ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ କହିଛନ୍ତି । ପରିବହନ ବିଭାଗର ଅଧିକାରୀମାନେ ପ୍ରତିଦିନ ରାଜପଥ ଉପରେ ବିଭିନ୍ନ ସମ୍ବେଦନଶୀଳ ବା ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଭାରିଯାନ ଗୁଡ଼ିକ ରାସ୍ତାରେ ଦୀର୍ଘ ସମୟ ଧରି ଅଟକାଇବା ସହ ଓଭର ଲୋଡ଼ିଂ ଓ କାଗଜ ପତ୍ର ଯାଞ୍ଚ କରୁଥିବା ବେଳେ ବେଆଇନ୍ ପାର୍କିଂ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ରାଜପଥରେ ବେଆଇନ୍ ପାର୍କିଂ ଯାହାକି ପଥଚାରୀଙ୍କ ପାଇଁ ଏକ ପ୍ରକାର କାଳ ହେଉଛି । ଏନେଇ ବାରମ୍ବାର ଅଭିଯୋଗ ପରେ ପରିବହନ ବିଭାଗ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ମଧ୍ୟ ନୀରବଦ୍ରଷ୍ଟା ସାଜିଥିବା ବିଭିନ୍ନ ମହଲରେ ଦାବି ହୋଇଛି । ଫଳରେ ବିଭିନ୍ନ ରାଜପଥରେ ବେଆଇନ୍ ପାର୍କିଂ ବୃଦ୍ଧି ପାଇବା ସମେତ ଦିନକୁ ଦିନ ଦୁର୍ଘଟଣା ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଏନେଇ ପରିବହନ ବିଭାଗର ଆର୍‌ଟିଓ ମାନସ ରଞ୍ଜନ ସାହୁ କହିଛନ୍ତି ରାଜପଥରେ ବେଆଇନ୍ ଭାବେ ପାର୍କିଂ କରିଥିଲେ ଗାଡ଼ି ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ପରାଜୟ ସତ୍ତ୍ୱେ ସିରିଜ୍ ଜିତିଲା ଭାରତ




**ବର୍ମିଂହାମ**

ଇଂଲଣ୍ଡ ବିପକ୍ଷରେ ଏକ ଐତିହାସିକ ଟି୨୦ ସିରିଜ୍ ଜିତିଥିବା ଭାରତୀୟ ଦଳ ଅନ୍ତିମ ମ୍ୟାଚ୍‌ରେ ପରାଜିତ ହୋଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୩-୨ରେ ଶେଷ ହୋଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୧୬୮ ରନର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ଅନ୍ତିମ ବଲରେ ହାସଲ କରି ନେଇଥିଲା। ଚାର୍ଲି ଡିନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ପୂରା ସିରିଜ୍‌ରେ ସର୍ବାଧିକ ଉଇକେଟ ନେବା ପାଇଁ ଶ୍ରୀ ଚରନୀ ପ୍ଲେୟର ଅଫ୍ ସିରିଜ୍ ବିବେଚିତ ହୋଇଛନ୍ତି।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଭାରତୀୟ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୬୭ ରନ କରିଥିଲା। ଦଳ ପକ୍ଷରୁ ସେଫାଳୀ ବର୍ମା ୪୧ ବଲରେ ୧୩ ଚୌକା ଓ ୧ ଛକା ସହିତ ସର୍ବାଧିକ ୭୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଚା ଘୋଷ ୨୪, ଅଧିନାୟିକା ହରମନପ୍ରୀତ କୌର ୧୫ ଓ ରାଧା ଯାଦବ ୧୪ ରନ କରିଥିଲେ। ଇଂଲଣ୍ଡ ପାଇଁ ଚାର୍ଲି ୩ ଓ ସୋଫି ଏକଲେଷ୍ଟୋନ ୨ ଉଇକେଟ ନେଇଥିଲେ।

ଜବାବରେ ଇଂଲଣ୍ଡ ୨୦ ଓଭରରେ ୫ ଉଇକେଟ ହରାଇ ୧୬୮ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ଲାଗି ଡାନିଏଲ ୱେଟ-ହଜ ୫୬, ସୋଫିଆ ଡଙ୍କଲି ୪୬ ଓ ଅଧିନାୟିକା ଟାମି ବେଉମଣ୍ଟ ୩୦ ରନ କରିଥିଲେ। ଭାରତ ପାଇଁ ବୋଲିଂରେ ଦୀପ୍ତି ଶର୍ମା ଓ ଅରୁନ୍ଧତି ରେଡ୍ଡୀ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

## ଇଣ୍ଡିଆନ୍ ଓପନ ପାରା ଆଥଲେଟିକ୍ସ

# ଡବଲ୍ ସ୍ୱର୍ଣ୍ଣ ଜିତିଲେ ଜୟନ୍ତୀ, ଜାଭେଲିନରେ ସୁଚିତ୍ରା, ଲଙ୍ଗଜମ୍ପରେ ଜାନକୀଙ୍କ ସ୍ୱର୍ଣ୍ଣ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବେଙ୍ଗାଲୁରୁ ଠାରେ ଆୟୋଜିତ ସପ୍ତମ ଇଣ୍ଡିଆନ୍ ଓପନ ପାରା ଆଥଲେଟିକ୍ସ ଅନ୍ତର୍ଜାତୀୟ ଚାମ୍ପିଅନସିପ୍‌ରେ ଓଡ଼ିଶା ୪ଟି ସ୍ୱର୍ଣ୍ଣ ସହ ମୋଟ ୧୧ଟି ପଦକ ଜିତିଛି। ଷ୍ଟାର୍ ମହିଳା ଆଥଲେଟ୍ ଜୟନ୍ତୀ ବେହେରା ୨ଟି ସ୍ୱର୍ଣ୍ଣ ଜିତିଥିବାବେଳେ ଜାଭେଲିନରେ ସୁଚିତ୍ରା ପରିଡ଼ା ଏବଂ ଲଙ୍ଗଜମ୍ପରେ ଜାନକୀ ଓରାମ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଜୟନ୍ତୀ ମହିଳା (ଟି-୪୭) ୧୦୦ମି. ଓ ୨୦୦ମି.ରେ ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇଥିଲେ। ୧୦୦ମି.ରେ ସେ ୧୩.୩୭ ସେକେଣ୍ଡରେ ନିର୍ଦ୍ଧାରିତ ଦୂରତା ଅତିକ୍ରମ କରି ପ୍ରଥମ ସ୍ଥାନରେ ରହିଥିଲେ। ଆନ୍ଧ୍ରର ଭବାନୀ (୧୩.୫୬ ସେକେଣ୍ଡ) ରୌପ୍ୟ ଓ ଦିଲ୍ଲୀର କୀର୍ତ୍ତି (୧୪.୦୭ ସେକେଣ୍ଡ) ବ୍ରୋଞ୍ଜ ଜିତିଛନ୍ତି। ସେହିପରି ୨୦୦ମି.କୁ ଜୟନ୍ତୀ ୨୭.୮୭ ସେକେଣ୍ଡ ଟାଇମିଂ ନେଇ ସ୍ୱର୍ଣ୍ଣ ଜିତିଥିଲେ। ଭବାନୀ (୨୯.୧୦ ସେକେଣ୍ଡ) ଓ ହରିଆନାର ମାଫି (୩୧.୦୩ ସେକେଣ୍ଡ) ବ୍ରୋଞ୍ଜ ହାସଲ କରିଛନ୍ତି। ଏହାବ୍ୟତୀତ ଜୟନ୍ତୀ ମହିଳା ୪୦୦ମି.ରେ ମଧ୍ୟ ରୌପ୍ୟ ଜିତିଥିଲେ। ସେ ନିର୍ଦ୍ଧାରିତ ଦୂରତା ଅତିକ୍ରମ କରିବା ପାଇଁ ୧:୦୫.୩୦ ସେକେଣ୍ଡ ନେଇଥିଲେ।

ମହିଳା (ଏଫ୍-୫୫) ଜାଭେଲିନରେ ସୁଚିତ୍ରା ୧୭.୮୪ମିଟର ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଉତ୍ତରାଖଣ୍ଡର ଗାରିମା ଯୋଶୀ (୧୫.୯୮ମି.) ଓ ଫାତିମା ଖାତୁନ (୧୬.୨୬ମି.) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ହାସଲ କରିଥିଲେ। ମହିଳା ସଟ୍‌ପୁଟ୍‌ରେ ସୁଚିତ୍ରା ୫.୭୫ମି. ଥ୍ରୋ କରି ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ତାମିଲନାଡୁର କୀର୍ତ୍ତିକା ଜୟାଚନ୍ଦ୍ରନ ୬.୦୬ମି. ସହ ସ୍ୱର୍ଣ୍ଣ ଜିତିଛନ୍ତି।

ମହିଳା (ଟି-୧୨/୧୩) ଲଙ୍ଗଜମ୍ପରେ ଜାନକୀ ସ୍ୱର୍ଣ୍ଣ ହାସଲ କରିଛନ୍ତି। ସେ ଏକମାତ୍ର ପ୍ରତିଯୋଗୀ ଭାବେ ଏହି ଇଭେଣ୍ଟରେ ଭାଗ ନେଇଥିଲେ ଏବଂ ୪.୦୫ମି. ଜମ୍ପ କରିଥିଲେ। ସେହିପରି ୧୦୦ମି.ରେ ସେ ରୌପ୍ୟ ଜିତିଥିଲେ। ସେ ୧୪.୨୦ସେକେଣ୍ଡରେ ନିର୍ଦ୍ଧାରିତ ଦୂରତା ଅତିକ୍ରମ କରିଥିଲେ। ଉତ୍ତରପ୍ରଦେଶର ସିମରନ (୧୨.୨୧ ସେକେଣ୍ଡ) ସ୍ୱର୍ଣ୍ଣ ଓ ଗୋଆର ସାକ୍ଷୀ କାଲେ (୧୪.୮୩ ସେକେଣ୍ଡ) ବ୍ରୋଞ୍ଜ ଜିତିଛନ୍ତି। ୨୦୦ମି.ରେ ମଧ୍ୟ ଜାନକୀ (୨୯.୯୭ ସେକେଣ୍ଡ) ବ୍ରୋଞ୍ଜ ପଦକ ଜିତିଥିଲେ। ଅନ୍ୟ ଓଡ଼ିଆ ଆଥ୍‌ଲେଟ୍ କମଳାକାନ୍ତ ନାୟକ ପୁରୁଷ (୫୪/୫୫) ଜାଭେଲିନରେ ରୌପ୍ୟ, ୮୦୦ମି.ରେ ରୌପ୍ୟ ଏବଂ ୪୦୦ମି.ରେ ବ୍ରୋଞ୍ଜ ପଦକ ଭେଟି ଦେଇଥିଲେ। ଜାଭେଲିନରେ ସେ ୧୭.୪୯ମି. ଦୂର ଫିଙ୍ଗିଥିବା ବେଳେ ୮୦୦ମି.କୁ ୨:୩୦.୬୦ ସେକେଣ୍ଡ ଏବଂ ୪୦୦ମି.କୁ ୧:୧୫.୦୦ ସେକେଣ୍ଡ ଟାଇମିଂ ନେଇଥିଲେ।

# ୱାଶିଂଟନ ସୁନ୍ଦରଙ୍କ ଘାତକ ବୋଲିଂ : ଭାରତ ସାମ୍ନାରେ ଇଂଲଣ୍ଡର ୧୯୩ ରନ ଟାର୍ଗେଟ୍



**ଲର୍ଡ୍ସ**

ଲର୍ଡ୍ସ ଟେଷ୍ଟର ପ୍ରଥମ ତିନି ଦିନର ଖେଳ ପରେ ଭାରତ ଓ ଇଂଲଣ୍ଡ ପ୍ରଥମ ଇନିଂସରେ ସମାନ ୩୭୮ ରନ କରିଥିଲେ। ମ୍ୟାଚ୍ ଧିମା ସ୍ଥିତିରେ ଚାଲିଥିଲା। ହେଲେ ଚତୁର୍ଥ ଦିନର ଖେଳରେ ରୋମାଞ୍ଚକର ମୋଡ୍‌ରେ ପହଞ୍ଚି ଯାଇଛି ତୃତୀୟ ଟେଷ୍ଟ। ୱାଶିଂଟନ ସୁନ୍ଦରଙ୍କ ସହ ଭାରତୀୟ ବୋଲରଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୯୨ ରନରେ ଅଲଆଉଟ୍ ହୋଇଛି। ଭାରତରେ ଆଗରେ ରହିଛି ୧୯୩ ରନର ବିଜୟ ଲକ୍ଷ୍ୟ। ଇଂଲଣ୍ଡ ପକ୍ଷରୁ ଜଣେ ବି ବ୍ୟାଟର ଅର୍ଦ୍ଧଶତକ ହାସଲ କରି ପାରି ନାହାନ୍ତି। ଜୋ ରୁଟ୍ ସର୍ବାଧିକ ୪୦ ରନ କରିଥିବା ବେଳେ ବେନ ଷ୍ଟୋକ୍ସ ୩୩ ରନ କରିଛନ୍ତି।

ତୃତୀୟ ଦିନରେ ଭାରତ ପ୍ରଥମ ଇନିଂସରେ ୩୮୭ ରନରେ ଅଲଆଉଟ୍ ହେବା ପରେ ଇଂଲଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ହେଲେ ଚତୁର୍ଥ ଦିନରେ ଦଳ ଆରମ୍ଭରୁ ୱିକେଟ୍ ହରାଇଥିଲା। ବେନ ଡକେଟ୍(୧୨ ରନ) ଓ ଓଲି ପୋପ(୪)ଙ୍କୁ ଆଉଟ୍ କରି ମହମ୍ମଦ ସିରାଜ ଭାରତକୁ ଡବଲ ସଫଳତା ଦେଇଥିଲେ। ନୀତିଶ ରେଡ୍ଡୀ ଜ୍ୟାକ କ୍ରାଉଲି(୨୨)ଙ୍କୁ ଜୟସ୍ୱାଲଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଦ୍ରୁତ ବ୍ୟାଟିଂ କରୁଥିବା ହ୍ୟାରି ବ୍ରୁକ(୨୩ ରନ) କ୍ରିଜରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ୮୭ ରନରେ ୪ ୱିକେଟ୍ ହରାଇ ସଙ୍କଟରେ ପଡିଥିବା ଇଂଲଣ୍ଡ ଇନିଂସକୁ ସମ୍ଭାଳିଥିଲେ ଜୋ ରୁଟ୍ ଓ ବେନ ଷ୍ଟୋକ୍ସ। ଉଭୟ ସତର୍କତାର ସହ ବ୍ୟାଟିଂ କରି ପଞ୍ଚମ ୱିକେଟ୍ ପାଇଁ ୬୭ ରନ ଯୋଡ଼ିଥିଲେ।

୧୫୪ ରନ ସ୍କୋରରେ ଜୋ ରୁଟ୍‌ଙ୍କୁ ବୋଲ୍ଡ କରି ୱାଶିଂଟନ ସୁନ୍ଦର ଭାରତକୁ ବହୁତ ବଡ଼ ସଫଳତା ଦେଇଥିଲେ। ରୁଟ୍ ୪୦ ରନ କରି ପାଭିଲିୟନ ଫେରିଥିଲେ। ନିମ୍ନକ୍ରମରେ ପୁଣି ବ୍ୟାଟିଂ ବିପର୍ଯ୍ୟୟ ଭୋଗିଦିଲା ଘରୋଇ ଦଳ। ଜେମି ସ୍ମିଥ(୮)ଙ୍କୁ କ୍ଲିନ ବୋଲ୍ଡ କରିଥିଲେ ୱାଶିଂଟନ ସୁନ୍ଦର। କ୍ରିଜରେ ଜମି ରହିଥିବା ଅଧିନାୟକ ବେନ ଷ୍ଟୋକ୍ସ(୩୩ ରନ)ଙ୍କୁ ବୋଲ୍ଡ କରି ତୃତୀୟ ସଫଳତା ପାଇଥିଲେ ସୁନ୍ଦର। ବ୍ରାଇଡନ କାର୍ସ(୧) ଓ କ୍ରିସ ୱୋକ୍ସ(୧୦ ରନ)ଙ୍କୁ ପାଭିଲିୟନର ରାସ୍ତା ଦେଖାଇଥିଲେ ବୁମରା। ଶେଷରେ ଶୋଏବ ବସିର(୨ ରନ)ଙ୍କ ଆଉଟ୍ ସହ ଇଂଲଣ୍ଡର ଇନିଂସ ୧୯୨ ରନରେ ଅନ୍ତ ଘଟିଛି। ଆଉ ଭାରତ ସମ୍ମୁଖରେ ରହିଛି ୧୯୩ ରନର ବିଜୟ ଲକ୍ଷ୍ୟ।

ବୋଲିଂରେ ଭାରତ ପକ୍ଷରୁ ୱାଶିଂଟନ ସୁନ୍ଦର ଘାତକ ବୋଲିଂ କରି ୨୨ ରନ ଦେଇ ୪ ୱିକେଟ୍ ନେଇଛନ୍ତି। ବୁମରା ଓ ସିରାଜ ପ୍ରତ୍ୟେକ ଦୁଇଟି ଲେଖାଏଁ ୱିକେଟ୍ ନେଇଛନ୍ତି। ନୀତିଶ ରେଡ୍ଡୀ ଓ ଆକାଶ ଦୀପଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି। ଉଲ୍ଲେଖନୀୟ ଇଂଲଣ୍ଡ ଓ ଭାରତ ସମାନ ପ୍ରଥମ ଇନିଂସରେ ୩୮୭ ରନରେ ଅଲଆଉଟ୍ ହୋଇଛି।

# ଆଣ୍ଡରସନ ଫିଲିପଙ୍କ 'ସୁପରମ୍ୟାନ' କ୍ୟାଚ୍ : ସ୍ତବ୍ଧ ହୋଇଗଲେ ଟ୍ରାଭିସ ହେଡ୍



**ନୂଆଦିଲ୍ଲୀ**

ଚାଲିଥିବା ୱେଷ୍ଟଇଣ୍ଡିଜ ଗସ୍ତରେ ଅଷ୍ଟ୍ରେଲିଆର ବ୍ୟାଟିଂ କଠିନ ପରୀକ୍ଷା ଦେଇ ଗତି କରୁଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଫାଇନାଲରେ ହାରିବା ପରେ କାରିବିଅନ ସିରିଜରେ ଜିତିବା ଅଷ୍ଟ୍ରେଲିଆ ପାଇଁ ମନୋବଳ ବୃଦ୍ଧିକାରୀ ହୋଇପାରିଥାନ୍ତା। କିନ୍ତୁ ତୃତୀୟ ଓ ଶେଷ ଟେଷ୍ଟରେ ମଧ୍ୟ ଅଷ୍ଟ୍ରେଲିଆର ବ୍ୟାଟିଂ ଦୁର୍ବଳତା ପୁଣି ଦେଖିବାକୁ ମିଳିଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୨୨୫ ରନରେ ଅଲଆଉଟ ହୋଇଥିବା ବେଳେ ୱେଷ୍ଟଇଣ୍ଡିଜର ଆଣ୍ଡରସନ ଫିଲିପ ଟ୍ରାଭିସ ହେଡ୍‌ଙ୍କୁ ଏକ ଅବିଶ୍ୱାସନୀୟ କ୍ୟାଚ୍ ନେଇ ସ୍ତବ୍ଧ କରିଦେଇଛନ୍ତି।

ଘଟଣାଟି ସାବିନା ପାର୍କରେ ଚାଲିଥିବା ଡେ-ନାଇଟ ଟେଷ୍ଟର ପ୍ରଥମ ଦିନର ୬୫ତମ ଓଭରରେ ଘଟିଥିଲା। ଜଷ୍ଟିନ ଗ୍ରୀଭସଙ୍କ ଫୁଲର ଡେଲିଭରିରେ ହେଡ଼ ଅତି ଶୀଘ୍ର ସଟ୍ ଖେଳିଥିଲେ। ବଲଟି ବ୍ୟାଟରୁ ଉପରକୁ ଉଠି ମିଡ଼-ଅଫ ଆଡ଼କୁ ଯାଇଥିଲା। ଆଣ୍ଡରସନ ଫିଲିପ ଦ୍ରୁତଗତିରେ ଡାହାଣ ପଟକୁ ଦୌଡ଼ି ପୂରା ଲମ୍ବରେ ଡାଇଭ୍ ଦେଇ ଦୁଇ ହାତରେ ବଲକୁ ଧରିଥିଲେ। ଏହାସହ ସେ ନିରାପଦ ଘାସରେ ଅବତରଣ କରିଥିଲେ, ଯେତେବେଳେ ତାଙ୍କ କହୁଣୀ ଘାସକୁ ଛୁଇଁଥିଲା।




ବାଲେଶ୍ୱର ଛାତ୍ରୀ ଆତ୍ମାହୂତି ଉଦ୍ୟମ ଘଟଣାର ପ୍ରତିବାଦରେ ବିଜେଡି ଯୁବ ଛାତ୍ର ଦଳର ବିକ୍ଷୋଭ ପ୍ରଦର୍ଶନ। (ଫଟୋ : ସମ୍ବାଦ କଳିକା)




ଏଫଏମ କଲେଜ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ଛାତ୍ର କଂଗ୍ରେସ ପକ୍ଷରୁ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ। (ଫଟୋ : ସମ୍ବାଦ କଳିକା)

# ଟ୍ରକ୍ ଧକ୍କାରେ ପୁଅ ମୃତ ବାପା ଓ ଝିଅ ଆହତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା-ସୋନପୁର ମୁଖ୍ୟ ରାସ୍ତାର ଗଣ୍ଡାମେହେର ପୋଲ ନିକଟରେ ଏକ ଅଜଣା ଟ୍ରକ୍ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍‌ରେ ଥିବା ପୁଅର ମୃତ୍ୟୁ ହୋଇଥିବା ବେଳେ ବାପା ଓ ଭଉଣୀ ଗୁରୁତର ଆହତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ସୋନପୁର ବ୍ଲକ୍‌ର ସାଗରପାଲି ପଟରୁ ନିଜ ଘର ବିନିକା ସହର ନୂଆପଡ଼ାକୁ ଏକ ଗ୍ଲାମର ବାଇକ୍ ଯୋଗେ ପୁଅ ଘୁଣ୍ଡୁଗୋପାଳ ମେହେରଙ୍କ ସହ ବାପା ବିଦ୍ୟା ମେହେର ଓ ଭଉଣୀ ଯଶୋବନ୍ତି ମେହେର ନିଜ ଘରକୁ ଗତ ରାତିରେ ଫେରୁଥିଲେ। ହେଲେ ଘରଠୁ ମାତ୍ର ଦେଢ଼ କିଲୋମିଟର ଦୂରରେ ଜଗିଥିଲା ଯମ। ଅଜଣା ଟ୍ରକ୍‌ଟି ଧକ୍କା ଦେବାରୁ ଏମାନେ ବାଇକ୍‌ରୁ ଛଟିକି ପଡ଼ିଥିଲେ, ଯାହା ଫଳରେ ଟ୍ରକ୍‌ଟି ଘୁଣ୍ଡୁଗୋପାଳଙ୍କ ମୁଣ୍ଡରେ ଚାପି ଦେଇଥିବାରୁ ତାଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଓ ଭଉଣୀ ଗୁରୁତର ଆହତ ହୋଇ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଫେରାର ହୋଇଯାଇଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ଏକ ମକଦ୍ଦମା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହେଲ୍‌ମେଟ୍ ବ୍ୟବହାର ଉପରେ କଡ଼ାକଡ଼ି ଚେକିଂ ଓ ସଡ଼କ ସୁରକ୍ଷା ସଚେତନତାର ଅଭାବ ଯୋଗୁଁ ଜିଲ୍ଲାରେ ଦୁର୍ଘଟଣାରେ ମୃତ୍ୟୁ ହାର ବୃଦ୍ଧି ପାଉଥିବା ଦେଖାଦେଇଛି। ବିଗତ ବର୍ଷମାନଙ୍କରେ କିନ୍ତୁ ଏ ଆଞ୍ଚଳିକ ପରିବହନ ବିଭାଗ ଦୁର୍ଘଟଣା ମୃତ୍ୟୁ ହାର କମାଇବାରେ ରାଜ୍ୟରେ ପ୍ରଥମ ଦ୍ୱିତୀୟ ସ୍ଥାନରେ ରହି ସରକାରଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଥିଲା।

# କରୋନା, ଝାଡ଼ାବାନ୍ତି ଓ ଡେଙ୍ଗୁ ରୋଗ ଉପରେ ହୋମିଓପ୍ୟାଥି ସଚେତନତା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କରୋନା, ଝାଡ଼ାବାନ୍ତି ଓ ଡେଙ୍ଗୁ ରୋଗ ଉପରେ ଏକ ସଚେତନତା ଶିବିର ସ୍ଥାନୀୟ ଧର୍ମବିହାର ବସ୍ତିରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡା. ନିରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ (ଆଇଆଇଏଚ୍‌ପି) ଆନୁକୂଲ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ଡାକ୍ତର ସନ୍ତୋଷ କୁମାର ଜେନା ଓ ଡାକ୍ତର କମଳ ସିଂଙ୍କ ଦ୍ୱାରା ତିନୋଟି ରୋଗର ପ୍ରମୁଖ କାରଣ, ଲକ୍ଷ୍ୟଣ, ନିରାକରଣ, ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ବସ୍ତିର ୫୦୦ ଲୋକଙ୍କୁ ଔଷଧ ବଣ୍ଟନ କରାଯିବା ସହିତ ମାସ୍କ, ସାନିଟାଇଜର ଆଦି ବିତରଣ କରାଯାଇଥିଲା। କରୋନା ଭୂତାଣୁ ନିଃଶ୍ୱାସ ପ୍ରଶ୍ୱାସରେ ଯାଇ ରୋଗ ସୃଷ୍ଟି କରେ। ଝାଡ଼ାବାନ୍ତି ପାନୀୟ ଜଳ ଓ ଦୂଷିତ ଖାଦ୍ୟ ଯୋଗୁ ହୋଇଥାଏ। ଏଡିସ୍ ମଶା କାମୁଡ଼ିଲେ ଡେଙ୍ଗୁ ଜ୍ୱର ହୋଇଥାଏ ବୋଲି ବସ୍ତିର ସାଧାରଣ ଲୋକଙ୍କୁ ଏହି ରୋଗ ବିଷୟରେ ବୁଝାଇ ଦିଆଯାଇଥିଲା। କରୋନାରେ ନିଃଶ୍ୱାସ ପ୍ରଶ୍ୱାସ ନେବାକୁ କଷ୍ଟ ଅନୁଭବ



ହେବା ସହିତ ଜ୍ୱର, କାଶ, କଫ, ଗୋଡ଼ହାତ ଘୋଳାବିନ୍ଧା ଓ ମୁଣ୍ଡବ୍ୟଥା ଆଦି ଲକ୍ଷ୍ୟଣ ଦେଖାଯାଇ ଥାଏ। ସେହିପରି ଝାଡ଼ାବାନ୍ତି ରୋଗରେ ବହୁ ମାତ୍ରାରେ ପତଳା ଝାଡ଼ା ହେବା ସହିତ ବାନ୍ତି ହେବା, ଦେହରୁ ଜଳୀୟ ଅଂଶ କମିଯିବା, ପେଟ ଫାଙ୍କି ଫୁଲିଯିବା, ପେଟ ବ୍ୟଥା ହେବା ଓ ପାଟି ଶୁଖିଯିବା ଭଳି ଲକ୍ଷ୍ୟଣ ଦେଖାଯାଇ ଥାଏ। ଦେହ ସମ୍ପୂର୍ଣ୍ଣ ବଳଶୂନ୍ୟ ହୋଇ ନିସ୍ତେଜ ହେଲା ଭଳି ବୋଧହୁଏ। ଡେଙ୍ଗୁ ରୋଗ ଯୋଗୁ ଅତ୍ୟଧିକ ଜ୍ୱର ହେବା, ମୁଣ୍ଡବିନ୍ଧା ହେବା ସହିତ ଦେହରେ ଛୋଟ ଛୋଟ ଲାଲ ଦାନା ଭଳି ଫଳିଯିବା ସହିତ ମାଂସପେଶୀ ଘୋଳାବିନ୍ଧା ହୋଇ ରୋଗୀଙ୍କୁ ଦୁର୍ବଳ କରିଦିଏ। ଏହିସବୁ ରୋଗର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଆରସେନିକ ଏଏଲ୍‌ବି-୩୦ ଦିନକୁ ୪ଗୋଟି କରି ଗ୍ଲୋବ୍ୟୁଲସ୍ ଦୈନିକ ସକାଳେ ଓ ସନ୍ଧ୍ୟାରେ ତିନଦିନ ଖାଇବା ଲାଗି ବସ୍ତି ଲୋକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଗହଳି ଜନପୂର୍ଣ୍ଣ ରାସ୍ତାରେ ମାସ୍କ ପିନ୍ଧିବାକୁ କୁହାଯିବା ସହିତ ହାତଗୋଡ଼ ଧୋଇବା, ପାଣିକୁ ଫୁଟାଇ ଛାଣି ପିଇବା ଲାଗି ବୁଝାଯାଇଥିଲା। ଏହି କାର୍ଯ୍ୟକ୍ରମର ସମସ୍ତ ଖର୍ଚ୍ଚ ଇ ରନ୍ୟାସନାଲ ଷ୍ଟଡ଼ି ଆଣ୍ଡ ରିସର୍ଚ୍ଚ ସେ ର ଅନ ହୋମିଓପ୍ୟାଥି (ଆଇଏସ୍‌ଆରସିଏଚ୍) ବହନ କରିଥିବାରୁ ସଚେତନତା ଶିବିରରେ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ରୋଗୀର ପ୍ରତିଷେଧକ କ୍ଷମତା ବଢାଇବା ଲାଗି ଏହି ଆରସେନିକ ଏଏଲ୍‌ବି ୩୦ ଔଷଧ ବିତରଣ କରାଯାଇଥିଲା। ଏହି ଔଷଧକୁ ୪ଟା ଗ୍ଲୋବାଲ ଦିନକୁ ଦୁଇଥର ତିନିଦିନ ବ୍ୟବହାର କଲେ ଏହି ପ୍ରମୁଖ ତିନୋଟି ରୋଗ ଯାହା ବର୍ତ୍ତମାନର ମୁଣ୍ଡବ୍ୟଥାର କାରଣ ପାଲଟିଛି ତାହା ନ ହେବାର ସମ୍ଭାବନା ରହିଛି।

# ବରିଷ୍ଠ ଆଇନଜ୍ଞ ଶିବାନନ୍ଦ ରାୟ ପାଇବେ ଗଙ୍ଗାଧର ମହାପାତ୍ର ସମ୍ମାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବରିଷ୍ଠ ଆଇନଜୀବୀ, ଭୁବନେଶ୍ୱର ବାର୍ ଆସୋସିଏସନର ପୂର୍ବତନ ସଭାପତି, ସମାଜସେବୀ ତଥା କଂଗ୍ରେସ ଦଳର ବରିଷ୍ଠ ନେତା ଶିବାନନ୍ଦ ରାୟଙ୍କୁ ଚଳିତବର୍ଷର ଗଙ୍ଗାଧର ମହାପାତ୍ର ସମ୍ମାନ-୨୦୨୫, ସୋମବାର ସନ୍ଧ୍ୟାରେ ବୁଦ୍ଧ ମନ୍ଦିର ନୂତନ ସଭାଗୃହରେ ପ୍ରଦାନ କରାଯିବ ବୋଲି ଗଙ୍ଗାଧର ମହାପାତ୍ର ଫାଉଣ୍ଡେସନ ଟ୍ରଷ୍ଟର ସ୍ଥାୟୀ ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।



ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଗତ ୩୦ ବର୍ଷ ଧରି ଏହି ସମ୍ମାନ ଓଡ଼ିଶାର ବରିଷ୍ଠ ଓ ବିଶିଷ୍ଟ ଓକିଲମାନଙ୍କୁ ଦିଆଯାଇଥାଏ। ପୂର୍ବରୁ ଗଙ୍ଗାଧର ରଥ, ଗୋବିନ୍ଦ ଦାସ, ଭୂପେନ ଚନ୍ଦ୍ର ବୋଷ, ବସନ୍ତ ପାଣିଗ୍ରାହୀ, ପ୍ରଫୁଲ୍ଲ ବହିଦାର, କୌସିକ୍ ସାହୁ, ମନୋରଞ୍ଜନ ମହାନ୍ତି, ରବିନ୍ଦ୍ର ନାଥ ମହାନ୍ତି, ମୁଜିବିର ରହମାନ, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସୀତାବଲ୍ଲଭ ମହାପାତ୍ର, ପ୍ରଜ୍ଞାରାଜ ପ୍ରଧାନ, ଓକିଲ ଶୀଳଭଦ୍ର ଶାସ୍ତ୍ରୀ, ଓକିଲ ଶାନ୍ତନୁ କୁମାର ସାହୁ, ଓକିଲ ସନତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

୧୪ ତାରିଖ ସୋମବାର ବୁଦ୍ଧ ମନ୍ଦିର ନୂତନ ସଭାଗୃହରେ ହେବାକୁ ଥିବା ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ମୁଖ୍ୟ ବକ୍ତା ଭାବେ ଅଧାପ ବିଶ୍ୱରଞ୍ଜନ ପ୍ରମୁଖ ଯୋଗଦେବେ ବୋଲି ଡଃ ଜ୍ଞାନେନ୍ଦ୍ରଙ୍କ ସୂତ୍ରରୁ ପ୍ରକାଶ।

# ଅଧିକାର ଓ ଗରିମା ବଳରେ ଶ୍ରମଶକ୍ତିର ନିର୍ମାଣ - ଇଏଲଆଇ ଯୋଜନାର ଭୂମିକା



**ହିରଣ୍ମୟ ପଣ୍ଡା**
ଅଧ୍ୟକ୍ଷ ଭାରତୀୟ ମଜଦୂର ସଂଘ

ଭାରତ ସରକାରଙ୍କ ଦ୍ୱାରା ଏଇ ନିକଟରେ ପ୍ରଣୀତ ହୋଇଥିବା ରୋଜଗାର ସମ୍ବନ୍ଧିତ ପ୍ରୋତ୍ସାହନ ଯୋଜନା (ଇଏଲଆଇ) ଦେଶର ଶ୍ରମଶକ୍ତି ଲାଗି ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ମଜଦୂର ସଙ୍ଗଠନ ବା ଟ୍ରେଡ୍ ୟୁନିୟନର ଏକ ଦୀର୍ଘକାଳୀନ ଦାବି ଭାବେ ଏହା ଉପସ୍ଥାପିତ ହୋଇ ଆସୁଥିଲା। ଏହା ଏପରି ଏକ ସକ୍ରିୟ ନୀତି ଅଟେ ଯାହା ରୋଜଗାର ସୃଜନ, କୌଶଳ ବିକାଶ ଓ ଔପଚାରିକତା ପ୍ରତି ଭାରତ ସରକାରଙ୍କର ପ୍ରତିବଦ୍ଧତାକୁ ଦର୍ଶାଇଥାଏ। ଏଥିରେ ୩.୫ କୋଟିରୁ ଅଧିକ ଶ୍ରମିକଙ୍କୁ ଲାଭ ମିଳିବାର ସମ୍ଭାବନା ରହିଛି। ଏହି ଶ୍ରମିକମାନଙ୍କ ଭିତରେ ପ୍ରଥମକରି ରୋଜଗାର କରୁଥିବା ପ୍ରାୟ ୧.୯ କୋଟିରୁ ଅଧିକ ଶ୍ରମିକ ସାମିଲ ଅଛନ୍ତି। ଭାରତୀୟ ମଜଦୂର ସଂଘ (ବିଏମ୍‌ଏସ୍) ଏପରି ଯୋଜନା ରାଷ୍ଟ୍ର ନିର୍ମାଣରେ ସଂଶ୍ଳିଷ୍ଟ ଶ୍ରମିକମାନଙ୍କ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ବୋଲି ଦର୍ଶାଇଛି।

ଇଏଲଆଇ ଯୋଜନା ଏପରି ଏକ ବ୍ୟାପକ ରୋଜଗାର ସହାୟତା ଢାଞ୍ଚା ଭିତରେ ଆସୁଛି ଯାହା ସରକାରଙ୍କ ଦ୍ୱାରା ଗତବର୍ଷ ଆରମ୍ଭ କରାଯାଇଥିବା ଇଣ୍ଟରନସିପ୍ ଓ କୌଶଳ ବିକାଶ ଯୋଜନାର ପରିପୂରକ। ଏପରି ଯୋଜନା ଦ୍ୱାରା ଚାକିରିର ସୁଲଭତା ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ସମାଜର ପଛୁଆ ବର୍ଗ ତଥା ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରର ଯୁବକମାନଙ୍କ ରୋଜଗାର କ୍ଷମତାକୁ ବୃଦ୍ଧି କରିପାରିଛି। ଏହା ଫଳରେ ଔପଚାରିକ ରୋଜଗାର ବୃଦ୍ଧି ତଥା ଶ୍ରମ ସୁରକ୍ଷା ମଜଭୂତ ହୋଇପାରିଛି।

ଏହାଦ୍ୱାରା କର୍ମଚାରୀମାନଙ୍କ ବ୍ୟାଙ୍କ ଖାତାକୁ ସିଧା ଅର୍ଥ ପ୍ରେରଣ କରିବା ସହ ନିଯୁକ୍ତିଦାତାମାନଙ୍କୁ ଔପଚାରିକତା ଦୃଷ୍ଟିରୁ କମ୍ ଭାର ଉଠାଇବା ଓ ଯୁବକମାନଙ୍କ ଔପଚାରିକ ଶ୍ରମ ଶକ୍ତି ବୃଦ୍ଧି କରିବା ଲାଗି ପ୍ରୋତ୍ସାହିତ କରୁଛି। ଏଥିରେ ପେନସନ, ସ୍ୱାସ୍ଥ୍ୟ ସେବା ଓ ଅନ୍ୟ ମହତ୍ୱପୂର୍ଣ୍ଣ ସାମାଜିକ ସୁରକ୍ଷା ଲାଭ ମିଳିପାରୁଛି। ଏହାଛଡା ମାନୁଫାକଚରିଂ କ୍ଷେତ୍ରରେ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)କୁ ଅତିରିକ୍ତ ସହାୟତା ରାଶି ଯୋଗାଇ ସମାଜର ସବୁ ବର୍ଗର ଲୋକଙ୍କର ଆର୍ଥିକ କ୍ଷମତା ବୃଦ୍ଧି କରିପାରିବାରେ ସହାୟକ ହୋଇପାରିଛି। ଏହି ଯୋଜନା ଦ୍ୱାରା ଶ୍ରମିକମାନଙ୍କ ଲାଗି ଏକ ନୂଆ ଅବସର ସୃଷ୍ଟି ହୋଇଛି। ଶ୍ରମିକମାନଙ୍କ ଲାଗି ଏକ ସମ୍ମାନଜନକ, ସ୍ଥିର ଓ ସମାବେଶୀ ରୋଜଗାରର ପନ୍ଥା ସୃଷ୍ଟି ହୋଇପାରିଛି।

ଇଏଲଆଇ ଯୋଜନା ଦ୍ୱାରା ଔପଚାରିକ ରୋଜଗାର ଓ ବିତୀୟ ସାକ୍ଷରତା ସହ ଯୋଡି ହୋଇରହିଥିବା ଲୋକମାନଙ୍କୁ ପ୍ରତ୍ୟକ୍ଷ ଭାବରେ ୧୫ ହଜାର ଟଙ୍କା ଦିଆଯାଉଛି। କିଛି ଲୋକଙ୍କ ପାଇଁ ଏହା ଅନୌପଚାରିକ ଶୃଙ୍ଖଳାରୁ ହଟି ଏକ ସମ୍ମାନଜନକ ଓ ଗରିମାମୟ ରୋଜଗାର ଆଡ଼କୁ ବାଟ ବଢାଇଥାଏ। ଶ୍ରମିକମାନଙ୍କୁ ସଶକ୍ତ କରାଇବା ଲାଗି ବିଏମଏସ ଦୀର୍ଘ ସମୟ ଧରି ଏପରି ସୁବିଧା ଯୋଗାଇ ଆସୁଛି।

ତେବେ ଏପରି ଔପଚାରିକରଣ କେବଳ ଅର୍ଥ ଦେବା ଯାଏ ସୀମିତ ହୋଇ ରହିନାହିଁ। ବରଂ ଏହା ନିଯୁକ୍ତିଦାତା ଓ କର୍ମଚାରୀମାନଙ୍କ ଭିତରେ ରହିଥିବା ଶୂନ୍ୟସ୍ଥାନକୁ ପୂରଣ କରିପାରିଛି। ସୁରକ୍ଷା ଓ ସମ୍ମାନ ପାଇବାକୁ ଥିବା କର୍ମଚାରୀ ଏହାଦ୍ୱାରା ଅଧିକ ମାତ୍ରାରେ ଉପକୃତ ହେଉଛନ୍ତି। ଏହା କର୍ମଚାରୀମାନଙ୍କ ପେନସନ, ଚିକିତ୍ସା ସୁବିଧା, ଭବିଷ୍ୟନିଧି ପାଣ୍ଠି ସଂଚୟ ପରି ବିଭିନ୍ନ ପ୍ରକାର ସୁବିଧାକୁ ସୁନିଶ୍ଚିତ କରାଇଥାଏ। ଏହି ଯୋଜନା ଦ୍ୱାରା ଟ୍ରେଡ ୟୁନିୟନର ବିଭିନ୍ନ ସମସ୍ୟା ସମାଧାନ ହେବା ସହ ସ୍ୱାସ୍ଥ୍ୟଗତ ଚିକିତ୍ସା ସୁବିଧା ଓ କାର୍ଯ୍ୟସ୍ଥଳରେ ବିବାଦ ପରି ଅନେକ ସମସ୍ୟାକୁ ସମାଧାନ କରିଥାଏ। ଇଏଲଆଇ ଯୋଜନା ଦ୍ୱାରା କେବଳ ରୋଜଗାର ବୃଦ୍ଧି ହୋଇପାରୁଛି ତାହା ନୁହେଁ ବରଂ ପାରମ୍ପରିକ ସମ୍ମାନର ସହ ଲୋକଙ୍କୁ ରୋଜଗାର ଦିଆଯାଇ ପାରୁଛି।

କୌଶଳ ଓ ରୋଜଗାରର ବ୍ୟାପକ ଢାଞ୍ଚା ଅନୁରୂପ ଏହି ଯୋଜନାକୁ ପ୍ରସ୍ତୁତ କରାଯାଇଛି। ଏହା ଦ୍ୱାରା ଏକ ସଶକ୍ତ ଓ ବଳିଷ୍ଠ ରୋଜଗାରର ମାଧ୍ୟମ ସୃଷ୍ଟି କରାଯାଇ ପାରୁଛି। ବିତୀୟ ସାକ୍ଷରତା, ଇଣ୍ଟରନସିପ୍ କାର୍ଯ୍ୟକ୍ରମ, ଆଇଟିଆଇ ସୁଧାର ସହ ଏଥିରେ ଭର୍ତ୍ତି ହୋଇପାରିବାର ସବୁପ୍ରକାର ସୁଯୋଗ ଏଥିରେ ରହିଛି। ଏହି ଯୋଜନା ଦ୍ୱାରା କୌଶଳ ହାସଲ ସହ ଗରିମାମୟ କାମ ପାଇଲା ପର୍ଯ୍ୟନ୍ତ ସବୁପ୍ରକାର ସୁବିଧା ରହିଛି। କେବଳ ଚାକିରି ପାଇଲା ଯାଏ ନୁହେଁ ବରଂ ଏହା ଦ୍ୱାରା ଉପାର୍ଜନକ୍ଷମ ହୋଇପାରିବାର ସମସ୍ତ ପ୍ରାବଧାନ ରହିଛି। ଏଥିରେ ଔପଚାରିକ ଶ୍ରମ ବଜାର ସହ ଯୁବ ଶ୍ରମିକମାନଙ୍କୁ ଯୋଡି ହୋଇ ରହିପାରିବାର ପର୍ଯ୍ୟାପ୍ତ ସୁଯୋଗ ରହିଛି। କୋଭିଡ ମହାମାରୀ ପରେ ଏପରି ଯୋଜନା ଦ୍ୱାରା ଲୋକମାନଙ୍କର ଦୀର୍ଘକାଳୀନ ରୋଜଗାର କ୍ଷମତା ବୃଦ୍ଧି ହୋଇପାରିଛି।

ଇଏଲଆଇ ଯୋଜନା ଉଚିତ ସାଧନ ପ୍ରଦାନ କରିଥାଏ। କେନ୍ଦ୍ର, ରାଜ୍ୟ ଓ ଅନ୍ୟ ଅନୁବନ୍ଧିତ ସଂସ୍ଥାଗୁଡ଼ିକ ଉପରେ ଏହାର କାର୍ଯ୍ୟକାରିତା ନିର୍ଭର କରିଥାଏ। ଏହି ଯୋଜନା ଟ୍ରେଡ୍ ୟୁନିୟନ ସହ ନୂଆ ଭାବେ ଯୋଡି ହୋଇ ରହିଥିବା ଶ୍ରମିକମାନଙ୍କ ରୋଜଗାରକୁ ସୁନିଶ୍ଚିତ କରାଇଥାଏ। ଏହି ଯୋଜନା ଦ୍ୱାରା ନିଜ ଅଧିକାର ପ୍ରତି ସଚେତନ ରହି ନିଜ ନିଜ କର୍ମସ୍ଥଳୀରେ ଶ୍ରମିକମାନେ ନିଜ ଅଧିକାରକୁ ସାବ୍ୟସ୍ତ କରିପାରୁଛନ୍ତି। ରୋଜଗାର ବୃଦ୍ଧି, କର୍ମସ୍ଥଳରେ ଗଣତାନ୍ତ୍ରିକ ମୂଲ୍ୟବୃଦ୍ଧି ଓ ଶ୍ରମ ସମ୍ବନ୍ଧିତ ସମସ୍ୟାର ସମାଧାନ ପରି ଅନେକ କ୍ଷେତ୍ରରେ ଏହି ଯୋଜନାର କାର୍ଯ୍ୟକାରିତା ରହିଛି।

ଭବିଷ୍ୟତରେ ଭାରତର ବିକାଶ କ୍ଷେତ୍ରରେ ଇଏଲଆଇ ଯୋଜନା ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହନ କରିବ। ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟରେ ଔଦ୍ୟୋଗିକ ବିକାଶ ଛଡ଼ା ଏକ କୁଶଳ, ସଂରକ୍ଷିତ, ପ୍ରେରିତ ଅର୍ଥ ବ୍ୟବସ୍ଥା ସହ ଜଡିତ ସମନ୍ୱିତ ଶ୍ରମଶକ୍ତିର ନିର୍ମାଣ କରିବା ଲାଗି ଏହି ଯୋଜନା ଅଭିପ୍ରେତ। ବିଏମଏସ ଯୋଜନା ରାଷ୍ଟ୍ର ଓ ଶ୍ରମିକମାନଙ୍କ ଲାଗି ଅଭିପ୍ରେତ ଏକ ବଳିଷ୍ଠ ଯୋଜନା।





### ରାଜ୍ୟରେ ଆଇନଶୃଙ୍ଖଳା ବିଗିଡ଼ି ଯାଇଛି

# ଆଲୋଚନା ପାଇଁ ରାଷ୍ଟ୍ରପତିଙ୍କୁ ୫ ମିନିଟ୍ ସମୟ ମାଗିଲା ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଠାରୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇଦିନିଆ ଗସ୍ତକାଳରେ ସେ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟସ୍ଥାନରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବେ। ତେବେ ରାଷ୍ଟ୍ରପତିଙ୍କୁ ଦେଖା କରିବା ପାଇଁ ବିଜୁ ଜନତା ଦଳ ୫ ମିନିଟ ସମୟ ମାଗିଛି।
ରାଜ୍ୟରେ ଅରାଜକତା ଓ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ବିଜେଡି ଅଭିଯୋଗ ଆଣିଛି। ଏନେଇ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବାକୁ ବିଜେଡି ନିବେଦନ କରିଛି। ଓଡ଼ିଶାରେ ଏବେ ଆଇନ ଶୃଙ୍ଖଳା ସ୍ଥିତି ପୁରା ବିଗିଡି ଯାଇଛି। ରାଜ୍ୟରେ ମହିଳା ସୁରକ୍ଷିତ ନାହାନ୍ତି। ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ନିଜେ ରାଷ୍ଟ୍ରପତି ଏବେ ଭରସା ଦେବା ପାଇଁ ଆଶା କରିଛୁ ବୋଲି ବିଜେଡି କହିଛି।
ବିଜେଡି କହିଛି, ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାର ଦିନ ଘଟିଥିବା ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଏହି ଘଟଣା ଆମ ସମସ୍ତଙ୍କୁ ଅତ୍ୟନ୍ତ ଦୁଃଖ ଦେଇଛି। କାରଣ ଆମେ ବି ଜଣେ ଜଣେ ମା, ଆମର ବି ଝିଅ ଅଛନ୍ତି। ରାଷ୍ଟ୍ରପତି ମଧ ଜଣେ ମା ଭଳି, ସେ ମଧ ଏହି ଘଟଣାକୁ ହୃଦଙ୍ଗମ କରିପାରିବେ। ଏହାକୁ ଦୃଷ୍ଟିରେ ରଖି ନିଜର ମୂଲ୍ୟବାନ ସମୟ ମଧ୍ୟରୁ ୫ ମିନିଟ ସମୟ ଦିଅନ୍ତୁ ରାଷ୍ଟ୍ରପତି ବୋଲି ଅନୁରୋଧ କରିଛି ବିଜେଡି।
ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଅଭିଯୋଗ କରିଛନ୍ତି ଯେ, ଗତ ୧୩ ମାସର ସରକାର ମଧ୍ୟରେ ରାଜ୍ୟରେ ବଢ଼ିଛି ଅରାଜକତା। ମହିଳାଙ୍କ ଉପରେ ବଢ଼ିଛି ଅତ୍ୟାଚାର। ଶନିବାର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀର ୯୫ ପ୍ରତିଶତ ଶରୀର ପୋଡ଼ିଯାଇଛି। ଦୀର୍ଘ ୬ ମାସ ହେବ ଝିଅର ବିଭାଗୀୟ ମୁଖ୍ୟ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଏପରିକି କ୍ଲାସରେ ଭର୍ତ୍ତି କରାଯାଇନଥିଲା। ଏପରିକି ଉପସ୍ଥାନ ମଧ ଦିଆଯାଇନଥିଲା। ଏହାକୁ ନେଇ ସେ ସୋସିଆଲ ମିଡିଆ 'ଏକ୍ସ'ରେ ସମସ୍ତଙ୍କୁ ଜଣାଇଛନ୍ତି। ହେଲେ ଏବେ ଏହି ଦୁର୍ଘଟଣା ପରେ ସରକାର ତଦନ୍ତ କରିବେ ବୋଲି କହିଛନ୍ତି। ଭରତପୁରରୁ ନେଇ ଗୋପାଳପୁର ପର୍ଯ୍ୟନ୍ତ ସବୁଠି ତଦନ୍ତ ଚାଲିଛି। କାହାର ଏପର୍ଯ୍ୟନ୍ତ ମିଳିନି ରିପୋର୍ଟ। ସିସିଟିଭିରେ ସବୁ ଭିଜୁଆଲ ଦେଖିବାକୁ ମିଳିଛି। କିଏ କିଏ ଏହି ଘଟଣାରେ ସଂପୃକ୍ତ ଅଛନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏମ୍ସ ଭୁବନେଶ୍ୱରରେ କିଛି ଏବିଭିପି କର୍ଯ୍ୟକର୍ତ୍ତା ସେଠାରେ ଗୁଣ୍ଡାରାଜ୍ କରୁଛନ୍ତି। କାହାକୁ ପୀଡ଼ିତାଙ୍କ ପରିବାର ଲୋକଙ୍କ ସହ କଥା ହେବାକୁ ଦେଉନାହାନ୍ତି। ସେମାନଙ୍କୁ ମଧ ତଦନ୍ତର ପରିସରଭୁକ୍ତ କରାଯାଉ ବୋଲି ଦାବି କରିଛି ବିଜେଡି। ବିଜେଡି ନେତ୍ରୀ କହିଛନ୍ତି, ରାସ୍ତାରେ ଚାଲି ପାରୁନାହାନ୍ତି ମହିଳା। ଶିକ୍ଷା ଅନୁଷ୍ଠାନ ମଧ୍ୟରେ ପିଲା ହିଁ ସୁରକ୍ଷିତ ନାହାନ୍ତି। ଏଥିପାଇଁ ଅଭିଭାବକମାନେ ମଧ ଭୟଭୀତ ଅଛନ୍ତି। ବାଲେଶ୍ୱରର ଛାତ୍ରୀ ଜୁଲାଇ ୧ ତାରିଖରୁ ସେ ସମସ୍ୟାକୁ ନେଇ ସମସ୍ତଙ୍କୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଭିନ୍ନ ବିଭାଗକୁ ଜଣାଇଛନ୍ତି। ହେଲେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହା ଉପରେ ତଦନ୍ତ କରନ୍ତୁ ସରକାର, ଆଉ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ମୁଖ୍ୟମନ୍ତ୍ରୀ ବୋଲି ଦାବି କରିଛି ବିଜେଡି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୋଷୀଙ୍କ ବିରୋଧରେ...

ଶିକ୍ଷାନୁଷ୍ଠାନରେ ଏଭଳି ଘଟଣା ନଘଟେ ସେ ଦିଗରେ ମଧ ପଦକ୍ଷେ ନିଆଯିବ। ପରେ ମୁଖ୍ୟମନ୍ତ୍ରୀ ଏୟାରପୋର୍ଟରୁ ଏମ୍ସ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଏମ୍ସର ନିର୍ଦ୍ଦେଶକ ଏବଂ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହିତ ଆଲୋଚନା କରିଥିଲେ। ଗୁରୁତର ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୀଡିତାଙ୍କୁ ଦିଲ୍ଲୀ ଏମ୍ସ ଷ୍ଟାଣ୍ଡାର୍ଡରେ ଚିକିତ୍ସା ଯୋଗାଇ ଦିଆଯାଉଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ। ସେ ଆହୁରି ମଧ କହିଛନ୍ତି ଆଗାମୀ ୨୪ ଘଣ୍ଟା ଛାତ୍ରୀ ଜଣକ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭିସିରେ ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ ଦିଲ୍ଲୀ ଏମ୍ସ ସହ ଯୋଗାଯୋଗରେ ଅଛନ୍ତି। ବର୍ତ୍ତମାନ ଆହତ ଛାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି, ତେଣୁ ସ୍ଥାନାନ୍ତର ସମ୍ଭବ ନୁହେଁ। ଯଦି ଆଗକୁ ସ୍ୱାଭାବିକ ହୁଏ, ତାହେଲେ ଦିଲ୍ଲୀ ଏୟାରଲିଫ୍ଟ କରାଯିବ। ତେବେ ଏହି ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଆହତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ପରେ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ କହିଛନ୍ତି, ଆମେ ତାଙ୍କୁ ସର୍ବୋତ୍ତମ ଯତ୍ନ ପ୍ରଦାନ କରୁଛୁ। ୨୪ ରୁ ୪୮ ଘଣ୍ଟା ପର୍ଯ୍ୟବେକ୍ଷଣ ପରେ ଆମେ ତାଙ୍କର ଆରୋଗ୍ୟ ଆକଳନ କରିପାରିବୁ। ତାଙ୍କ ଅବସ୍ଥା ସ୍ଥିର ହେବା ପରେ ହିଁ ଆମେ ଏୟାରଲିଫ୍ଟ ବିଷୟରେ ଚିନ୍ତା କରିପାରିବୁ। ସକାଳୁ ତାଙ୍କର ଡ୍ରେସିଂ ହୋଇଛି। ପ୍ରଫେସର ଆଶୁତୋଷ ବିଶ୍ୱାସ କହିଛନ୍ତି, ଆମେ ଝିଅଟିର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ରାଜ୍ୟ ସରକାରଙ୍କ ସହିତ ଯୋଗାଯୋଗ କରୁଛୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୀଡିତାଙ୍କୁ ଏକ ଉନ୍ନତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ବିମାନରେ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ତଥାପି ତାଙ୍କ ଗୁରୁତର ଅବସ୍ଥା ଯୋଗୁ ଭୁବନେଶ୍ୱର ଏମ୍ସର ଡାକ୍ତରମାନେ ଏହା ନକରିବାକୁ ପରାମର୍ଶ ଦେଇଥିଲେ। ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଆଶ୍ୱାସନା ଦେଇଥିଲେ ଯେ, ସରକାର ତାଙ୍କ ଚିକିତ୍ସା ପାଇଁ ସମସ୍ତ ସହାୟତା ଦେବାକୁ ପ୍ରସ୍ତୁତ ଏବଂ ଆବଶ୍ୟକ ହେଲେ ଯେକୌଣସି ସମୟରେ ତାଙ୍କୁ ବିମାନରେ ସ୍ଥାନାନ୍ତର କରିବାକୁ ପ୍ରସ୍ତୁତ। ଶିକ୍ଷା ଅଧ୍ୟୟନ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ସମୀର ସାହୁଙ୍କ ଦ୍ୱାରା ଝିଅକୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗର ତଦନ୍ତ ପାଇଁ ଏକ ତିନି ଜଣିଆ ତଦନ୍ତ ଦଳ ବାଲେଶ୍ୱର ଏଫ୍‌ଏମ କଲେଜ ଗସ୍ତ କରିବ। ବାଲେଶ୍ୱର ପୁଲିସ ସମୀର ସାହୁଙ୍କୁ ଗିରଫ କରି ନିଲମ୍ବିତ କରିଛି। ସେହିପରି କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ପ୍ରିନ୍ସିପାଲ ଦିଲ୍ଲୀପ କୁମାର ଘୋଷଙ୍କୁ ମଧ ନିଲମ୍ବିତ କରାଯାଇଛି।

### ଛାତ୍ରୀଙ୍କ ଅବସ୍ଥା ...

ଇନଫେକ୍ସନର ସମ୍ଭାବନା ଅଧିକ ଥିବାରୁ ଘର ଲୋକଙ୍କୁ ଦେଖିବାକୁ ମଧ ଛଡାଯାଇନାହିଁ। ପୀଡ଼ିତା ନିଃଶ୍ୱାସ ନେବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏୟାର ଲିଫଟିଂ ହେବ କି ନାହିଁ କମିଟି ନିଷ୍ପତ୍ତି ନେବ। ବିଭିନ୍ନ ବିଭାଗ ଯେମିତିକି ବର୍ଣ୍ଣ ଏବଂ ପ୍ଲାଷ୍ଟିକ, ମେଡ଼ିସିନ ପଲମନାରୀ, କ୍ରିଟିକାଲ କେୟାର, କାର୍ଡ଼ିଓଲୋଜି, ନେଫ୍ରୋଲୋଜି, ନର୍ସିଂ ବିଭାଗର ବରିଷ୍ଠ ଡାକ୍ତରୀ ଟିମ୍ ଚିକିତ୍ସା କରୁଛନ୍ତି।

### ରାଜ୍ୟପାଳଙ୍କ ...

ଉଦ୍ୟମ କରିବା ଆଶ୍ଚର୍ଯ୍ୟଜନକ ଏବଂ ଗଭୀର ଦୁଃଖଦାୟକ। ମୁଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ଗୁରୁତର ପୋଡ଼ିଯାଇଥିବା ଆଘାତରୁ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି। ଜଣେ ଶିକ୍ଷକ ତାଙ୍କୁ ବାରମ୍ବାର ଯୌନ ଅନୁଗ୍ରହ ଦାବି କରି ନିରନ୍ତର ଯୌନ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ପ୍ରିନ୍ସିପାଲଙ୍କୁ ଲେଖିଥିବା ଏକ ଚିଠିରେ ସେ ପ୍ରକାଶ କରିଛନ୍ତି ଯେ, ସେ ପୂର୍ବରୁ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ଛାତ୍ରୀ ଜଣକ ମାସ ମାସ ଧରି ଭୟ ଏବଂ ଯନ୍ତ୍ରଣାରେ ବଞ୍ଚି ରହିଥିଲେ। ଜୁଲାଇ ୧ ତାରିଖରେ ସାହାଯ୍ୟ ପାଇଁ ନିବେଦନ କରି ସେ ସୋସିଆଲ ମିଡିଆରେ ତାଙ୍କର ଅଭିଯୋଗ ପୋଷ୍ଟ କରିଥିଲେ, ଅନେକ ଉଚ୍ଚ ପଦାଧିକାରୀଙ୍କୁ ଟ୍ୟାଗ କରିଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ, ସେ ଦୁଃଖଦ ଭାବରେ ପ୍ରିନ୍ସିପାଲଙ୍କ ରୁମର ବାହାରେ ନିଜ ଯନ୍ତ୍ରଣାର ଶେଷ ପ୍ରୟାସ କରି ନିଜକୁ ନିଆଁ ଲଗାଇ ଦେଇଥିଲେ। ଏହି ଦୁଃଖଦ ଘଟଣା କଲେଜ ପ୍ରିନ୍ସିପାଲଙ୍କଠାରୁ ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ତାଙ୍କୁ କିପରି ନ୍ୟାୟ ପାଇବାରୁ ବଞ୍ଚିତ କରାଯାଇଥିଲା ତାହାର କଠୋର ବାସ୍ତବତାକୁ ପ୍ରକାଶ କରୁଛି। ଆମର ଉଚ୍ଚଶିକ୍ଷା ଢାଞ୍ଚାରେ, ରାଜ୍ୟପାଳ ଏଫଏମ ବିଶ୍ୱବିଦ୍ୟାଳୟ ସମେତ ପ୍ରମୁଖ ସରକାରୀ ପରିଚାଳିତ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ଭାବରେ କାର୍ଯ୍ୟ କରନ୍ତି। ମୁଁ ରାଜ୍ୟପାଳଙ୍କୁ ଅନୁରୋଧ କରୁଛି ସେ ଏହି ମାମଲାରେ ହସ୍ତକ୍ଷେପ କରିବା ନିଶ୍ଚିତ କରନ୍ତୁ। ଛାତ୍ରୀ ଜଣଙ୍କ କିପରି ନ୍ୟାୟ ପାଇବେ ତାହା ନିଶ୍ଚିତ କରନ୍ତୁ। ପୁଣିଥରେ ମୁଁ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

### ଶ୍ରୀମନ୍ଦିର ରୀତିନୀତିର ...

ସଂରକ୍ଷଣ ଏବଂ ଏହାର ଅପବ୍ୟବହାର ରୋକିବା ପାଇଁ ଆଇନଗତ ପଦକ୍ଷେପର ଆବଶ୍ୟକତାକୁ ପୁନର୍ବାର ଉଜାଗର କରିଛି। ସରକାରଙ୍କ ଏହି ଉଦ୍ୟମ ଜଗନ୍ନାଥ ସଂସ୍କୃତିର ପବିତ୍ରତା ଓ ଐତିହ୍ୟକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା କରାଯାଉଛି। ଏହା ସହ ଭକ୍ତମାନେ ଏବଂ ସାଧାରଣ ଜନତା ମଧ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଏବଂ ଶ୍ରୀ ଜଗନ୍ନାଥଙ୍କ ପରମ୍ପରାର ମର୍ଯ୍ୟାଦା ରକ୍ଷା ପାଇଁ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନର ଦାବି କରିଛନ୍ତି।

### ତିନିଦିନ ମଧ୍ୟରେ...

ବିରୁଦ୍ଧରେ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉ। ଏହାସହିତ ଆୟୋଗ ପୀଡିତାଙ୍କୁ ଯଥାସମ୍ଭବ ନିଶୁଳ୍କ ଚିକିତ୍ସା ଏବଂ ମାନସିକ ସ୍ୱାସ୍ଥ୍ୟ ସହାୟତା ଉପଲବ୍ଧ କରାଯାଉ। ଆୟୋଗ ତିନି ଦିନର ମଧ୍ୟରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ବିସ୍ତୃତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ୧୫ରେ ମହାକାଶରୁ ...

ଭୂପୃଷ୍ଠରେ ପହଞ୍ଚିବ। । ଏହି ସମୟରେ ପ୍ରାୟ ୧ ଘଣ୍ଟା ଏପଟସେପଟ ହୋଇପାରେ। ସୂଚନାଯୋଗ୍ୟ ଯେ, ଆକ୍ସିଅମ୍-୪ ମିଶନ ଅଧୀନରେ ଶୁଭାଂଶୁ ଶୁକ୍ଲା ଅନ୍ୟ ତିନି ଜଣ ମହାକାଶଚାରୀଙ୍କ ସହିତ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ଯାଇଥିଲେ। ଏହି ମହାକାଶଚାରୀଙ୍କର ୧୪ ଦିନିଆ ମିଶନ ଥିଲା, ଯାହା ସମାପ୍ତ ହୋଇଛି। ବର୍ତ୍ତମାନ ଶୁଭାଂଶୁ ଶୁକ୍ଲା ଏବଂ ଅନ୍ୟ ମହାକାଶଚାରୀ ପୃଥିବୀକୁ ଫେରିବା ପାଇଁ ଅପେକ୍ଷା କରିଛନ୍ତି।

### ହାତୀ ମୃତ୍ୟୁ ଘଟଣା...

ଯାଇଛନ୍ତି। ସମ୍ବଲପୁର ରେଢ଼ାଖୋଲ ଫରେଷ୍ଟ ଡିଭିଜନର ନାକଟିଦେଉଳ ଅଞ୍ଚଳର ସରପାଲି ଗାଁରେ ଜଣେ ବ୍ୟକ୍ତିଙ୍କ ହୁକ ପକା ଘଟଣା ଯୋଗୁ ରବିବାର ପ୍ରତ୍ୟକ୍ଷରେ ଗୋଟିଏ ୫ ବର୍ଷର ମାଈ ହାତୀର ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏ ଘଟଣାର ତଦନ୍ତ ପାଇଁ ଚିଫ ଫରେଷ୍ଟ କଞ୍ଜରଭେଟର ମନୋଜ ନାୟାରଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱରରୁ ନାକଟିଦେଉଳ ଅଭିମୁଖେ ଗସ୍ତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଞ୍ଚଳର ଉଚ୍ଚ ପଦସ୍ଥ ବନ ବିଭାଗ ଅଧିକାରୀ ଓ ବିଦ୍ୟୁତ ବିଭାଗ ଅଧିକାରୀ ମାନେ ଘଟଣା ସ୍ଥଳକୁ ଯାଇ ଅନୁସନ୍ଧାନ କରୁଛନ୍ତି।

### ହୀରାକୁଦ ...

୧୨ଟାର ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳପତ୍ତନ ୬୦୬.୫୬ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ୧ ଲକ୍ଷ ୫୪ ହାଜର ୧୨୬ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ସମାନ ପରିମାଣର ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ସେଥିମଧ୍ୟରେ ବାମପାର୍ଶ୍ୱସ୍ଥ ୫ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ୩ଟି ମିଶି ମାଟ ୮ଟି ସ୍ଲୁଇସ ଗେଟରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୧୬ ହଜାର ୬୪୦ ଘନଫୁଟ, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୪,୨୨୯ ଘନଫୁଟ, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୨୭୫୫, ଶ୍ୱାସ ଶାସନ କେନାଲରେ ୨୦୦ ଓ ସମ୍ବଲପୁର କେନାଲରେ ୬୮ ଘନଫୁଟ ଜଳ ମିଶି ମୋଟ ୩୦୨୩ ଘନଫୁଟ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିମନ୍ତ୍ରଣ କକ୍ଷ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୦୧.୦୪ ମିଲିମିଟର ଓ ତଳମୁଣ୍ଡରେ ୦୩.୯୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ବଜ୍ରପାତରେ...

ଜିଲ୍ଲା ଧର୍ମଶାଳାର ବଳଭଦ୍ରପୁର ଗାଁରେ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ଭାଗିରଥି ନାୟକ (୬୩)। ସେ ବିଲରେ କାମ କରୁଥିବା ବେଳେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ସେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଦ୍ରକର କୋଡ଼ବରୁଆଁ ଗାଁରେ ବଜ୍ରପାତରେ ଗାଁର ପ୍ରଶାନ୍ତ ଦାସଙ୍କ ଝିଅ ମିଲିରାଣୀ ଦାସଙ୍କର ମୃତ୍ୟୁ ଘଟିଛି। ରବିବାର ମଧ୍ୟାହ୍ନରେ ବଗିଚାକୁ ଯାଇଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିଲା। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ସେ ଚରମ୍ପା ମହାବିଦ୍ୟାଳୟର ଯୁକ୍ତ ତିନିର ପ୍ରଥମ ବର୍ଷର ଛାତ୍ରୀ ଥିଲେ। ସେହିପରି ଜଗତସିଂହପୁର ଜିଲ୍ଲା କୁଜଙ୍ଗର ଜଳଧରପୁରରେ ବିଲରୁ ଫେରିବା ବେଳେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।

### ଉପକୂଳ ଓଡ଼ିଶାରେ...

ଓଡ଼ିଶା ଉପକୂଳରେ ଗଠନ ହେବାର ଆଶଙ୍କା ରହିଛି। ପାଣିପାଗ ବିଭାଗ ପୂର୍ବାନୁମାନ ଅନୁଯାୟୀ, ଏହି ଲଘୁଚାପ ଗୁଡ଼ିକ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ଆଗାମୀ ୨-୩ ଦିନ ମଧ୍ୟରେ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ଼ ଆଡ଼କୁ ଅଗ୍ରସର ହେବ। ଏହା ପ୍ରଭାବରେ ଓଡ଼ିଶାର ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ମଧ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

### ରାଜ୍ୟସଭାକୁ ୪ ...

ଯିଏ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ଜୀବିତ ଧରା ପଡ଼ିଥିବା ପାକିସ୍ତାନୀ ଆତଙ୍କବାଦୀ ଅଜମଲ କସାବକୁ ଫାସି ପର୍ଯ୍ୟନ୍ତ ନେବାରେ ମୁଖ୍ୟ ଭୂମିକା ନିଭାଇଥିଲେ। ସି. ସଦାନନ୍ଦନ୍ ମାଷ୍ଟର୍ କେରଳର ବରିଷ୍ଠ ସାମାଜିକ କର୍ମୀ ଏବଂ ଶିକ୍ଷାବିଦ୍। ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଭାରତର ପୂର୍ବତନ ବିଦେଶ ସଚିବ। ମୀନାକ୍ଷୀ ଜୈନ୍ ଜଣେ ପ୍ରସିଦ୍ଧ ଇତିହାସବିଦ୍ ଓ ଶିକ୍ଷାବିଦ୍। ଏହି ନାମାଙ୍କନଗୁଡ଼ିକ ପୂର୍ବରୁ ନାମିତ ହୋଇଥିବା ସଦସ୍ୟମାନଙ୍କ ସେବାନିବୃତ୍ତି ପରେ ଖାଲି ହୋଇଥିବା ଆସନଗୁଡ଼ିକୁ ଧ୍ୟାନରେ ରଖି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟସଭାକୁ ମନୋନୀତ ଚାରି ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସେମାନଙ୍କର ସଫଳତା ଏବଂ ଅବଦାନ ଉଲ୍ଲେଖ କରି ଅଭିନନ୍ଦନ ଜଣାଇଛନ୍ତି। ଏହି ସୂଚନା ପ୍ରଧାନମନ୍ତ୍ରୀ ତାଙ୍କ ସରକାରୀ ଏକ୍ସ ହ୍ୟାଣ୍ଡେଲରେ ସେୟାର କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଅଧିବକ୍ତା ଉଜ୍ଜ୍ୱଳ ନିକମଙ୍କ ନ୍ୟାୟିକ କ୍ଷେତ୍ରରେ ସମର୍ପଣ ଅନୁକରଣୀୟ। ସେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି ଏବଂ ସମ୍ବିଧାନର ମୂଲ୍ୟବୋଧକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିଛନ୍ତି। ସେ ଖୁସି ପ୍ରକାଶ କରିଛନ୍ତି ଯେ ରାଷ୍ଟ୍ରପତି ତାଙ୍କୁ ରାଜ୍ୟସଭାକୁ ମନୋନୀତ କରିଛନ୍ତି। ସି. ସଦାନନ୍ଦନ ମାଷ୍ଟରଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ତାଙ୍କ ଜୀବନ ସାହସ ଏବଂ ଅନ୍ୟାୟ ବିରୁଦ୍ଧରେ ସଂଘର୍ଷର ପ୍ରତୀକ। ସେ ତାଙ୍କ ଶିକ୍ଷା ଏବଂ ସମାଜସେବା କ୍ଷେତ୍ରରେ ଅବଦାନକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ସେ ଯୁବ ସଶକ୍ତିକରଣ ପ୍ରତି ଅତ୍ୟନ୍ତ ସମର୍ପିତ। ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲାଙ୍କୁ ପ୍ରଧାନମନ୍ତ୍ରୀ ଏକ ଦକ୍ଷ କୂଟନୀତିଜ୍ଞ, ଚିନ୍ତାଶୀଳ ବୁଦ୍ଧିଜୀବୀ ଏବଂ ରଣନୈତିକ ଚିନ୍ତାଧାରା ବର୍ଣ୍ଣନା କରିଥିଲେ। ସେ କହିଛନ୍ତି ଯେ ଶ୍ରୀଙ୍ଗଲାଙ୍କ ଅବଦାନ ଭାରତର ବୈଦେଶିକ ନୀତିକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ରହିଛି, ବିଶେଷ ଭାବରେ ଜି-୨୦ ର ଅଧ୍ୟକ୍ଷତା ସମୟରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଡା. ମୀନାକ୍ଷୀ ଜୈନଙ୍କୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେ ଶିକ୍ଷା, ସାହିତ୍ୟ, ଇତିହାସ ଏବଂ ରାଜନୀତି ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି।

### ଜନ୍ମ ମାଟିରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ପାଳିତ

# ଓଡ଼ିଆ ଭାଷା ପ୍ରତି କର୍ମବୀରଙ୍କ ଅବଦାନ ଅତୁଳନୀୟ



**ସାଲେପୁର, ନ୍ୟୁଜ**

ରବିବାର ଓଡ଼ିଆ ଭାଷା ଆନ୍ଦୋଳନର କର୍ଣ୍ଣଧାର ତଥା ପ୍ରଥମ ଓଡ଼ିଆ ଖବର କାଗଜ 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା, ସାମ୍ବାଦିକତାର ଜନକ କର୍ମବୀର ଗୌରୀଶଙ୍କର ରାୟଙ୍କ ରବିବାର ହେଉଛି ୧୮୭ ତମ ଜନ୍ମଜୟନ୍ତୀ। ତାଙ୍କ ଜନ୍ମସ୍ଥାନ ଅସୁରେଶ୍ୱରର ଦୀକ୍ଷିତପଡା ଠାରେ ମହାସମାରୋହରେ ପାଳିତ ହୋଇଯାଇଛି କର୍ମବୀରଙ୍କ ଜୟନ୍ତୀ ସମାରୋହ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏବଂ ତାଙ୍କ ସମର୍ଥକମାନଙ୍କ ସହିତ କର୍ମବୀର ଜନ୍ମମାଟି ଅସୁରେଶ୍ୱର ଠାରେ ପହଞ୍ଚି ଲୁଣାନଦୀ ବନ୍ଧ ପାର୍ଶ୍ୱରେ ଥିବା କର୍ମବୀର ଗୌରୀଶଙ୍କର ଉଦ୍ୟାନ ସ୍ଥିତ କର୍ମବୀରଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେପରେ କର୍ମବୀରଙ୍କ ଜନ୍ମସ୍ଥାନ ଦିକ୍ଷୀତପଡା ଠାରେ ନିଜେ କର୍ମବୀର ଗଢିଥିବା ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ସହିତ ସେଠାରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଓଡ଼ିଆ ଏବଂ ଓଡ଼ିଆ ଭାଷା ପ୍ରତି କର୍ମବୀର ଗୌରୀଶଙ୍କର ରାୟଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ ଶ୍ରୀ ଜେନା।



## ଗୌରୀଶଙ୍କରଙ୍କୁ ସ୍ମରଣ କଲେ ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୌରୀଶଙ୍କର ରାୟଙ୍କ ଜୟନ୍ତୀରେ ତାଙ୍କ ସ୍ମୃତିଚାରଣ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଓଡ଼ିଆ ଭାଷାର ଜାଗ୍ରତ ପ୍ରହରୀ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ତାଙ୍କ ସମ୍ପାଦନାରେ ଆରମ୍ଭ ହୋଇଥିବା ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ସମାଜରେ ଜନଜାଗରଣ ସୃଷ୍ଟି କରିଥିଲା। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ଅତୁଳନୀୟ। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

### ବିଜେଡି ପକ୍ଷରୁ ଗୌରିଶଙ୍କରଙ୍କ ଜୟନ୍ତୀ ପାଳିତ

# କର୍ମବୀର ଗୌରୀଶଙ୍କରଙ୍କ ଆବିର୍ଭାବ ଏ ଜାତି ପାଇଁ ଏକ ଆଶୀର୍ବାଦ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କର୍ମବୀର ଗୌରୀଶଙ୍କର ରାୟଙ୍କ ଆବିର୍ଭାବ ଏ ଜାତି ପାଇଁ ଏକ ବରଦାନ। ସେ ଓଡ଼ିଆ ଭାଷା ସାହିତ୍ୟ କୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରିବା ପାଇଁ ଯେଉଁ ନିରଳସ ଉଦ୍ୟମ କରିଥିଲେ ତା'ର ପଟାନ୍ତର ନାହିଁ। ସେ ସର୍ବ ପ୍ରଥମେ 'ଉତ୍କଳ ଦୀପିକା'ର ପ୍ରକାଶନ କରି ସେ ରାଜ୍ୟ ରେସମ୍ବାଦ ପତ୍ରର ନବ ଉନ୍ମେଷ ଆଣିଥିଲେ। ସେ ଥିଲେ ସମବାୟ ଆନ୍ଦୋଳନ ର ଜନକ ଏବଂ ବହୁ ପୁରୁଣା ପୋଥି,ଓ ପୁରାଣ କୁ ସୁରକ୍ଷିତ ରଖି ପୁନରୁଦ୍ଧାର କରିବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଜି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଆୟୋଜିତ ଜୟନ୍ତୀ ସମାରୋହ ରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ରବିବାର ପୂର୍ବାହ୍ନ ସାଢ଼େ ଆଠଟା ସମୟରେ ପି .ଏମ . ଜି ଛକ ଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳ ରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା କର୍ମବୀର ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ସର୍ବଶ୍ରୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଅଶ୍ୱିନି ପଟ୍ଟନାୟକ, ସବିତା ଦଳେଇ, ଅମିତ୍ ପାତାଳ ସିଂ, ଅଜୟ ଭୂୟାଁ, ମିହିର ରଂଜନ ମହାନ୍ତି , ସୋନାଲି ଘୋଷ, ରଞ୍ଜନ କୁମାର ସାହୁ, ସୌମେନ୍ଦ୍ର ଘୋଷ, ବି. ଏମ୍. ଘୋଷ, ପ୍ରମୁଖ ଯୋଗଦାନ କରି କର୍ମବୀରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# କଟକରେ କର୍ମବୀର ଗୌରୀଶଙ୍କରଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

**କଟକ, ନ୍ୟୁଜ ବ୍ୟୁରୋ**

କର୍ମବୀର ଗୌରୀଶଙ୍କର ରାୟଙ୍କର ୧୮୭ତମ ଜୟନ୍ତୀ ଉପଲକ୍ଷେ କର୍ମବୀର ଗୌରୀଶଙ୍କର ରାୟ ସ୍ମୃତିସଂସଦ, କଟକ ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମଙ୍କର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୌରୀଶଙ୍କର ପାର୍କ, କାୟସ୍ଥ ସଭା, ଟାଉନହଲ୍, ଶ୍ରୀରାମଚନ୍ଦ୍ର ଭବନ, ରେଭେନ୍ସା କଲିଜିଏଟ୍ ସ୍କୁଲ ଓ ପ୍ୟାରୀମୋହନ ଏକାଡେମୀରେ କର୍ମବୀରଙ୍କର ପ୍ରତିମୁର୍ତ୍ତିଙ୍କ ସହ ଅନ୍ୟାନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରକାଶ ଥାଉକି ଆଜିର ଏହି ଜୟନ୍ତୀ ପାଳନ ଅବସରରେ ପ୍ରାରମ୍ଭରେ ଚୌଧରୀ ବଜାର ସ୍ଥିତ ଗୌରୀଶଙ୍କର ପାର୍କଠାରେ ତାଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଥିଲା। ଏହି ଅବସରରେ ସେଠାରେ ଏକ ସ୍ମୃତିଚାରଣ ସଭା ସ୍ମୃତି ସଂସଦର ବରିଷ୍ଠ ସଦସ୍ୟ ଡଃ.ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କର୍ମବୀର ଗୌରୀଶଙ୍କର ଜଣେ ଅନୁଷ୍ଠାନ ବୋଲି ବର୍ଣ୍ଣନା କରିବା ସହ କହିଲେ ଯେ ସରକାରୀ ଚାକିରୀରେ ଥାଇ ମଧ କାହାକୁ ଭ୍ରୂକ୍ଷେପ ନ କରି ସଠିକ୍ ଓ ନିର୍ଭିକ ସମ୍ବାଦ ପରିବେଷଣ କରିପାରୁଥିଲେ। ବିଶେଷ ଭାବେ ଓଡିଆ ଅସ୍ମିତା ହେଉ ଅଥବା ଓଡ଼ିଆ ଭାଷାର ବ୍ୟବହାର ଓ ସୁରକ୍ଷା, ତାଙ୍କର ଏ କ୍ଷେତ୍ରରେ ଅବଦାନକୁ ଯୁବପିଢ଼ି ଅନୁକରଣ କରି ଓଡ଼ିଶାର ସ୍ୱାଭିମାନ, ବିକାଶ ଓ ପ୍ରଗତିରେ ସାମିଲ ହେବା ସମ୍ବନ୍ଧରେ ମଧ ମତ ପ୍ରକାଶ କରିଥଲେ। ମେୟର ସୁବାସ ଚନ୍ଦ୍ର ସିଂହ, କଟକ ସଦର ଉପ ଜିଲ୍ଲାପାଳ, ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ପକ୍ଷରୁ ଅଭିରାମ ଦାସ, ସମାଜସେବୀ ଲୋକରଞ୍ଜନ ମହତାବ, ଇଂ.ଜଗନ୍ନାଥ ବୋଷ, ଚିତ୍ରଶିଳ୍ପୀ ରବିନାରାୟଣ ରଥ, ଡଃ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ବିକାଶ ଘୋଷ, ତୁଷାରକାନ୍ତି ବୋଷ, ମାନସ ରଞ୍ଜନ ପରିଡା, ଚିରଞ୍ଜିତ୍ ଓ ତନ୍ମୟଜିତ୍ ପ୍ରମୁଖ ଗୌରୀଶଙ୍କର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରି ତାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକୁ ସ୍ମୃତିସଂସଦର ସମ୍ପାଦକ ଇନ୍ଦ୍ରଜିତ ଘୋଷ ପରିଚାଳନା କରିଥିବା ବେଳେ ସଂଗଠନ ସମ୍ପାଦକ ଅଜିତ୍ କୁମାର ମହାପାତ୍ର ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



କଟକ : ଶ୍ରାବଣ ପ୍ରଥମ ସୋମବାରରେ ମହାଦେବଙ୍କ ନିକଟରେ ଜଳଲାଗି ପାଇଁ ଗଡଗଡିଆ ଘାଟରେ କାଉଡିଆଙ୍କ ଭିଡ। (ଫଟୋ : ସମ୍ବାଦ କଳିକା)

## ମୁଣ୍ଡଳୀ ବ୍ରିଜ୍ ଉପରୁ ମିଳିଲା ଗାଡ଼ି କିନ୍ତୁ ମିଳୁନି ହେମନ୍ତଙ୍କ ପତ୍ତା

**କଟକ, ନ୍ୟୁଜ ବ୍ୟୁରୋ**

ମୁଣ୍ଡଳୀ ବ୍ରିଜ୍‌ରୁ ମହାନଦୀକୁ ଯୁବକ ଡେଇଁଥିବା ସନ୍ଦେହ। ମୁଣ୍ଡଳୀ ବ୍ରିଜରୁ ଡେଇଁବା କଥା ସ୍ତ୍ରୀକୁ ଭଏସ୍ ମେସେଜ୍ କରିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ବାରଙ୍ଗ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବ୍ରିଜ୍ ଉପରେ ଏକ ଗାଡି ଥୁଆ ହୋଇଥିବା ଦେଖିଥିଲେ। କାହାକୁ ନପାଇବାରୁ ଗାଡିକୁ ଗୋଡିସାହି ଫାଣ୍ଡିକୁ ନେଇଥିଲେ। ଘଟଣାସ୍ଥଳରେ ଗୋଡିସାହି ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ପାଇଁ କଲେଜ କର୍ତ୍ତୃପକ୍ଷ ଏବଂ ସରକାର ଦାୟୀ : ଯୁବ ଛାତ୍ର କ୍ରାନ୍ତି ସେନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ଼ ବି.ଇଡ଼ି ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦୁଃଖଦାୟକ ଆତ୍ମଦାହ ଉଦ୍ୟମ ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାର ଦାୟୀ ବୋଲି ଯୁବ ଛାତ୍ର କ୍ରାନ୍ତି ସେନାର ଆବାହକ ତଥା ଯୁବନେତା ପାର୍ଥସାରଥୀ ମୁଦୁଲି ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଅଧ୍ୟାପକଙ୍କ ଦ୍ୱାରା ବାରମ୍ବାର ଶାରୀରିକ ଓ ମାନସିକ ଯନ୍ତ୍ରଣା ପାଇ ଅସହାୟ ହୋଇପଡ଼ିଥିଲେ ପୀଡ଼ିତା। ନ୍ୟାୟ ପାଇବା ପାଇଁ ସବୁଠି ଗୁହାରି କରିଥିଲେ ମଧ ତାଙ୍କ ଗୁହାରି କେହି ଶୁଣିନଥିଲେ। ଫଳରେ ମାନସିକ ଭାରସାମ୍ୟ ହରାଇ ମହାବିଦ୍ୟାଳୟ କ୍ୟାମ୍ପସ ପରିସରରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହୁତି ଉଦ୍ୟମ କରିଥିଲେ। ପୀଡ଼ିତା ଛାତ୍ରୀ ଆତ୍ମଦାହ କରିବା ପୂର୍ବରୁ କଲେଜ କର୍ତ୍ତୃପକ୍ଷ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, କେନ୍ଦ୍ରଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ଉଚ୍ଚଶିକ୍ଷା ବିଭାଗଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ମାତ୍ର ପରିତାପର ବିଷୟ ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ କେହି ତତ୍ପରତା ପ୍ରକାଶ କରିନଥିଲେ। ବରଂ ଅଧ୍ୟକ୍ଷ ଓ ଏଚ୍‌ଓଡି ଛାତ୍ରୀଜଣଙ୍କୁ ଧମକ ଦେଇଥିଲେ। 'ବେଟୀ ପଢାଓ, ବେଟୀ ବଚାଓ'ର ନାରା ଦେଉଥିବା ବିଜେପି ସରକାରର ଏହି ଘଟଣା ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ଅତ୍ୟନ୍ତ ଲଜ୍ଜାଜନକ ଓ ଦୁଃଖଦାୟକ ବୋଲି ଶ୍ରୀ ମୁଦୁଲି ଅଭିଯୋଗ କରିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ଡିଜିଟାଲ କଥା କହୁଥିବା ବେଳେ ଓଡ଼ିଶାର ସରକାର ଲୋକଙ୍କ ସରକାର କହୁଥିବା ବେଳେ ବାଲେଶ୍ୱର ମହାବିଦ୍ୟାଳୟ ପୀଡ଼ିତା ଛାତ୍ରୀଙ୍କ ଅଭିଯୋଗକୁ କିଭଳି ଅଣଦେଖା କରାଯାଉଛି ଓ ସରକାରଙ୍କ ସାମାଜିକ ଭିତ୍ତିଭୂମି କିପରି ଭୁଷୁଡ଼ି ପଡ଼ିଛି ଏହା ତାର ଜ୍ୱଳନ୍ତ ଉଦାହରଣ। ଛାତ୍ରଛାତ୍ରୀମାନଙ୍କ ସମ୍ମାନ, ସ୍ୱାଭିମାନର ଓ ଅଧିକାର ଦେବା ସରକାରଙ୍କ ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ ମଧ୍ୟ।

ଭୁବନେଶ୍ୱର
୧୪ ଜୁଲାଇ,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଗାଡ଼ି ପାର୍କିଂରେ ପଡ଼ି ଶ୍ରୀଜୀଉଙ୍କ ୨୫ ବେଶ ଖତ ଖାଉଛି

ପୁରୀ, ୧୩/୦୭ ନ୍ୟୁଜ ବ୍ୟୁରୋ

ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବାନ୍ଧିବୁନ୍ଧି ପକାଇଛନ୍ତି। ଏମିତି ରହିଛି ଠାକୁରଙ୍କ ପ୍ରତି ଭାବ ଓ ପରିଚାଳନାକାରୀଙ୍କ ଦାୟିତ୍ୱବୋଧ । ଥାକ ଥାକ ହୋଇ ବନ୍ଧାପଡ଼ିଛନ୍ତି ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ । କୌଣସି ଡେକୋରେଟରଙ୍କ ଗୋଦାମଘର ନୁହେଁ, ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ମହାପ୍ରଭୁଙ୍କ ଚିତ୍ତବିନୋଦନ ଉଦ୍ୟାନ ଜଗନ୍ନାଥବଲ୍ଲଭରେ । ବହୁତଳ ଗାଡ଼ି ପାର୍କିଂରେ ଖୋଦ୍ ଶ୍ରୀମନ୍ଦିର ପ୍ରଶାସନ ଦେବାଦେବୀଙ୍କୁ ଏଭଳି ସ୍ଥିତିରେ ରଖିଛି। ପଡ଼ି ପଡ଼ି ଖତ ଖାଉଛି ମହାପ୍ରଭୁଙ୍କ ୨୫ ବେଶ ସାମଗ୍ରୀ । ଲୋକଙ୍କ କଷ୍ଟ ଲବ୍ଧ ଧନରୁ ଲକ୍ଷ ଲକ୍ଷ



ଟଙ୍କା ଖର୍ଚ୍ଚରେ ସରକାର ଏସବୁ ତିଆରି ଅଲୋଡ଼ା କରି ପାଣିରେ ପକାଇଦେଲେ। ଜଗନ୍ନାଥ ପ୍ରେମୀ ଠାକୁରଙ୍କ ଏଭଳି ସ୍ଥିତି ଦେଖି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୨୦୨୪ ମସିହା ଆରମ୍ଭରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ସମୟରେ ସରକାରଙ୍କ ପକ୍ଷରୁ ଭବ୍ୟ ପ୍ରସ୍ତୁତି ହୋଇଥିଲା । ଜଗନ୍ନାଥ ବଲ୍ଲଭ ପରିସରରେ ଶୀତତାପ ନିୟନ୍ତ୍ରିତ କୋଠରିରେ ମହାପ୍ରଭୁଙ୍କ ୨୫ ପ୍ରକାର ବେଶ ପ୍ରଦର୍ଶିତ ହୋଇଥିଲା। ଠାକୁରଙ୍କ ନିକଟରେ ମହାଲକ୍ଷ୍ମୀ ଓ ସରସ୍ୱତୀ ଅଧିଷ୍ଠିତ ହୋଇଥିଲେ । ଅବକାଶ ବେଶ ଠାରୁ ବଡ଼ସିଂହାର ବେଶ ତଥା ୧୨ ମାସରେ ଶ୍ରୀବିଗ୍ରହଙ୍କ ଯେତେ ବେଶ ରହିଛି ସବୁକୁ ଖୋଦ୍ ପ୍ରଶାସନ ପ୍ରସ୍ତୁତ କରିଥିଲା । ଅନେକ ଦିନରୁ ହେଉ ନଥିବା ରଘୁନାଥ ବେଶ ମଧ୍ୟ ସେଥିରେ ସ୍ଥାନ ପାଇଥିଲା । ଶ୍ରୀମନ୍ଦିର ସିଂହଦ୍ୱାର ଭଳି ଦୁଇଟି ବିଶାଳ ସିଂହ ଶୋଭା ପାଉଥିଲେ। ଦର୍ଶନାର୍ଥୀମାନେ ଶ୍ରୀଜଗନ୍ନାଥଙ୍କ ନିକଟକୁ ଆସି ଗୋଟିଏ ସ୍ଥାନରେ ଏସବୁ ବେଶ ଦେଖି କୃତ୍ୟକୃତ୍ୟ ହେଉଥିଲେ। ଶ୍ରୀମନ୍ଦିରକୁ ଯାଇ ପାରୁ ନଥିବା ଭକ୍ତମାନେ ମଧ୍ୟ ଜଗନ୍ନାଥ ବଲ୍ଲଭକୁ ଆସି ଠାକୁରଙ୍କ ଆଭୂଷଣ ଦେଖି ଧନ୍ୟ ହୋଇ ଯାଉଥିଲେ। ବେଶ୍ କିଛି ଦିନ ଜଗନ୍ନାଥ ପ୍ରେମୀଙ୍କୁ ପ୍ରଶାସନ ପକ୍ଷରୁ ଏଭଳି ସୁଯୋଗ ଯୋଗାଗଲା। ପରେ ସରକାର ବଦଳିଲେ । ସ୍ଥିତି ବଦଳିଗଲା । ଏପରିକି ଠାକୁରମାନଙ୍କୁ ମଧ୍ୟ ଅଲୋଡ଼ା କରି ଛାଡ଼ି ଦିଆଗଲା। ବେଶ ସାମଗ୍ରୀ ମଧ୍ୟ ନଷ୍ଟ ହେଉଛି । ସ୍ଥାନୀୟ ବାସିନ୍ଦା ପ୍ରଦ୍ୟୁମ୍ନ କୁମାର କୁହନ୍ତି ଠାକୁରଙ୍କ ବେଶ ପ୍ରଦର୍ଶନୀ ବେଶ୍ ସୁନ୍ଦର ଥିଲା। ୨୫ଟି ରତ୍ନମଣ୍ଡପ ତିଆରି ହୋଇ ୨୫ ସେଟ୍ ଚତୁର୍ଦ୍ଧାମୂର୍ତ୍ତି ଅଧିଷ୍ଠିତ ହୋଇଥିଲେ । କେଉଁ ତିଥିରେ ଠାକୁରଙ୍କ କେଉଁ ବେଶ ହୁଏ ଉଲ୍ଲେଖ ଥିଲା । ପ୍ରତି ବେଶ ଷ୍ଟଲ ଉପରେ ନୂତନ ଚାନ୍ଦୁଆ ଲାଗିଥିଲା । ଠାକୁରଙ୍କ ଟାହିଆ ଓ ଭଳିକି ଭଳି ପୁଷ୍ପଅଳଙ୍କାର ଶୋଭା ପାଉଥିଲେ । ପରିକ୍ରମା ପ୍ରକଳ୍ପ ଦେଖିବାକୁ ଆସୁଥିବା ଯାତ୍ରୀ ବେଶ ପ୍ରଦର୍ଶନୀ ଦେଖି ଅତ୍ୟନ୍ତ ଆନନ୍ଦିତ ହେଉଥିଲେ । ପ୍ରଦର୍ଶନୀ ତ ବନ୍ଦ ହେଲା... ଠାକୁରଙ୍କୁ ମଧ୍ୟ ହୀନିମାନ କରି ଗୋଦାମ ରଦି ଭାବି ପକାଇ ଦିଆଗଲା।

## ରଥ କଳସ, କନା ଖୋଲିଲେ କୋଠ ସୁଆଁସିଆ

## ଶ୍ରୀମନ୍ଦିର ପ୍ରଶାସନଙ୍କୁ ଜିମା ଦେଲେ ସମସ୍ତ ପିତ୍ତଳ ସାମଗ୍ରୀ



ପୁରୀ ୧୩/୦୭ ନ୍ୟୁଜ ବ୍ୟୁରୋ

ମହାପ୍ରଭୁଙ୍କ ରଥ ଯାତ୍ରା ସରିଛି । ଏବେ ଚାଲିଛି ରଥ ଖୋଲା ପର୍ଯ୍ୟାୟ । ତିନି ରଥର ମଣ୍ଡଣି କନା ବାହାରିଛି । ରଥଯାତ୍ରା ଦିନ ରଥ ଉପରେ ପ୍ରତିଷ୍ଠା କରାଯାଇଥିବା ପିତ୍ତଳ କଳସ କଢ଼ାଯାଇଛି । କୋଠ ସୁଆଁସିଆ ସେବକମାନେ ରଥର କନା କାଢ଼ିବା ସହ କଳସ ଖୋଲିଥିଲେ । ପିତ୍ତଳ ସାମଗ୍ରୀ ସବୁ ଶ୍ରୀମନ୍ଦିର ପ୍ରଶାସନ ଜିମା ଦିଆଯାଇଛି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥର କନା ଖୋଲାଯାଇଛି। ଶ୍ରୀବିଗ୍ରହଙ୍କ ରଥତ୍ରୟରୁ ପୋଟଳ କନା ସହ ୧୨ଟି ଲେଖାଁଏ ଦୁଆରଘଡ଼ା, ଚନ୍ଦ୍ରଶାଳି କନା ଓ ବତା କନା ଆଦି କଢ଼ାଯାଇଛି। ପୂର୍ବରୁ ରଥର ସାରଥି ଓ ପାର୍ଶ୍ୱଦେବତାଙ୍କ ସହ ଚାରିପଟେ ଲାଗିଥିବା ଠେକରା ବାଡ କଢ଼ାଯାଇ ଯଥା ସ୍ଥାନରେ ରଖାଯାଇଛି ବୋଲି ସୂଚନା ମିଳିଛି।

# ଯାତ୍ରୀଙ୍କ ସୁରକ୍ଷା ପାଇଁ ଟ୍ରେନ ଗୁଡ଼ିକରେ ଲାଗିବ ସିସି ଟିଭି କ୍ୟାମେରା



ନୂଆଦିଲ୍ଲୀ, ୧୩/୭

ଭାରତୀୟ ରେଳବାଇର ବଡ଼ ନିଷ୍ପତ୍ତି। ଯାତ୍ରୀଙ୍କ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ଟ୍ରେନ ଗୁଡ଼ିକରେ ଲଗାଇବ ସିସି ଟିଭି କ୍ୟାମେରା । ଏହି ଯୋଜନା ଅଧୀନରେ, ସାରା ଦେଶରେ ପ୍ରାୟ ୭୪ ହଜାର ଯାତ୍ରୀ କୋଚ୍ ଏବଂ ୧୫ ହଜାର ଲୋକୋମୋଟିଭ୍ ଇଞ୍ଜିନରେ ସିସି ଟିଭି କ୍ୟାମେରା ଲଗାଯିବ। ପ୍ରତ୍ୟେକ କୋଚ୍‌ରେ ଚାରୋଟି କ୍ୟାମେରା ଲଗାଯିବ। ସେହିଭଳି ପ୍ରତ୍ୟେକ ଲୋକୋମୋଟିଭ୍‌ରେ ଛଅଟି ଲେଖାଏ କ୍ୟାମେରା ଲଗାଯିବାର ଯୋଜନା ରହିଛି। କୋଚ୍‌ର ପ୍ରବେଶ ସ୍ଥାନ ଏବଂ ସାଧାରଣ ଅଞ୍ଚଳରେ ଦୁଇଟି କ୍ୟାମେରା ଲଗାଯିବ। ଏହି ହାଇ-ଟେକ୍ କ୍ୟାମେରା ଗୁଡ଼ିକର ବିଶେଷ କଥା ହେଉଛି ଯେ ଏଗୁଡ଼ିକ କମ୍ ଆଲୋକରେ ମଧ୍ୟ ଉଚ୍ଚ ଗୁଣବତ୍ତା ଭିଡିଓ ରେକର୍ଡ କରିପାରିବେ ଏବଂ ଉଚ୍ଚ ଗତିରେ ମଧ୍ୟ ସ୍ପଷ୍ଟ ଫୁଟେଜ୍ ପ୍ରଦାନ କରିପାରିବେ। ଏହା ଦ୍ୱାରା ନିରୀକ୍ଷଣ ବ୍ୟବସ୍ଥା ଏବଂ ସୁରକ୍ଷାରେ ବହୁତ ଉନ୍ନତି ହେବ ବୋଲି ଆଶା କରାଯାଉଛି। ସୂଚନାଥାଉକି, ନିକଟରେ ପାନିପତରେ ଏକ ଟ୍ରେନ ଭିତରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିଲା। ମହିଳା ଜଣକ କହିଥିଲେ ଯେ, ସେ ରେଳ ଷ୍ଟେସନ୍‌ରେ ବସିଛନ୍ତି। ଏହି ସମୟରେ, ଜଣେ ବ୍ୟକ୍ତି ଆସି ଦାବି କଲେ ଯେ ତାଙ୍କୁ ମହିଳାଙ୍କ ସ୍ୱାମୀ ପଠାଇଛନ୍ତି। ଅଭିଯୁକ୍ତ ମହିଳାଙ୍କୁ ଏକ ଖାଲି କୋଚ୍‌କୁ ନେଇଗଲେ। ଏଠାରେ ସେ ତାଙ୍କୁ ଦୁଷ୍କର୍ମ କରିଥିଲେ। ଏହା ପରେ ଆଉ ଦୁଇଜଣ ବ୍ୟକ୍ତି ଆସିଥିଲେ ଏବଂ ସେମାନେ ମଧ୍ୟ ମହିଳାଙ୍କୁ ବଳାତ୍କାର କରିଥିଲେ। ଏହା ପରେ ତାଙ୍କୁ ରେଳ ଟ୍ରାକରେ ଫିଙ୍ଗି ଦିଆଯାଇଥିଲା। ମହିଳା ଜଣକ ରେଳ ଟ୍ରାକରେ ଶୋଇଥିଲେ ଏବଂ ତାଙ୍କ ଉପରେ ଏକ ଟ୍ରେନ୍ ଚାଲିଗଲା। ଏହି ଦୁର୍ଘଟଣାରେ ସେ ତାଙ୍କର ଗୋଟିଏ ଗୋଡ଼ ମଧ୍ୟ ହରାଇଲେ। ଏହି ଘଟଣା ପରେ ଏବେ କୋଚରେ କ୍ୟାମେରା ଲଗାଇବାର ନିଷ୍ପତ୍ତି ନିଶ୍ଚିତ ଭାବରେ ସୁରକ୍ଷାକୁ ଉନ୍ନତ କରିବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଚଳିତ ବର୍ଷ ଏପ୍ରିଲ୍ ଆରମ୍ଭରେ କହିଥିଲେ ଯେ, ୧.୫ ବର୍ଷ ମଧ୍ୟରେ ଦେଶର ପ୍ରତ୍ୟେକ ରେଳ ଷ୍ଟେସନରେ ସିସି ଟିଭି କ୍ୟାମେରା ଲଗାଯିବ। ସଂସଦରେ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ଭାରତୀୟ ରେଳ ମହିଳାମାନଙ୍କ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନେଉଛି। ଦେଶର ବିଭିନ୍ନ ସ୍ଥାନରେ ରେଳ ଷ୍ଟେସନରେ କ୍ୟାମେରା ଲଗାଇବା ପାଇଁ କାମ ଚାଲିଛି। ପ୍ରତ୍ୟେକ ଡିଭିଜନ, ଜୋନ୍ ଏବଂ ରେଳ ବୋର୍ଡରେ ୱାର୍ ରୁମ୍ ସ୍ଥାପନ କରାଯାଇଛି, ଯାହା ନିୟମିତ ଭାବରେ ରେଳ ଷ୍ଟେସନ ଗୁଡ଼ିକର ତଦାରଖ କରିବ।

### ଟ୍ରାଫିକ୍ ସବ୍-ଇନ୍ସପେକ୍ଟର ପଦବୀ ପୂରଣ ମାମଲା

# ୩ଟି ପଦ ପୂରଣ ନ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧୩/୦୭ ନ୍ୟୁଜ ବ୍ୟୁରୋ

ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ରେ ୨୧ଟି ସବ୍-ଇନ୍ସପେକ୍ଟର (ଟ୍ରାଫିକ୍) ପଦ ମଧ୍ୟରୁ ୫୦% ପଦ ବିଭାଗୀୟ ପଦୋନ୍ନତି ଆଧାରରେ ଏବଂ ବାକି ୫୦% ପଦରେ ସିଧାସଳଖ ନିଯୁକ୍ତି ଦେବାକୁ ହାଇକୋର୍ଟଙ୍କ ଜଣିକିଆ ବିଚାରପତି ଦେଇଥିବା ଆଦେଶକୁ ଚାଲେଞ୍ଜ୍ କରି ରୁଜୁ ମାମଲାରେ ହାଇକୋର୍ଟ ଖଣ୍ଡପୀଠ ଅନ୍ତରୀଣ ଆଦେଶରେ ତିନୋଟି ପଦ ପୂରଣ ନକରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜଣକିଆ ବିଚାରପତିଙ୍କ ଆଦେଶକୁ ଚାଲେଞ୍ଜ୍ କରି ରାଜ୍ୟ ସରକାର ହାଇକୋର୍ଟଙ୍କୁ ଆସିଥିଲା ବେଳେ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍.



ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମ୍‌କୋର୍ଟରେ ରୁଜୁ ସ୍ୱତନ୍ତ୍ର ଲିଭ୍ ପିଟିସନ୍‌ର ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ ଏହି ୩ଟି ପଦବୀ ପୂରଣ କରାଯିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ୨୧ଟି ଟ୍ରାଫିକ୍ ସବ୍-ଇନ୍ସପେକ୍ଟର ପଦବୀ ପୂରଣ ପାଇଁ ଏସ୍‌ଟିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୨୧ଟି ଯାକ ସିଧାସଳଖ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା । ଏହାକୁ ଚାଲେଞ୍ଜ୍ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ଜଣକିଆ ବିଚାରପତି ୨୦୨୪ ନଭେମ୍ବର ୨୭ରେ ୨୧ଟି ପଦ ମଧ୍ୟରୁ ୫୦% ପଦବୀରେ ବିଭାଗୀୟ ପଦୋନ୍ନତି ଆଧାରରେ ଏବଂ ବାକି ୫୦% ପଦରେ ସିଧାସଳଖ ନିଯୁକ୍ତି ଦେବାକୁ କହିଥିଲେ । ଏହାକୁ ଚାଲେଞ୍ଜ୍ କରି ଏସ୍‌ଟିଏ ପକ୍ଷରୁ ହାଇକୋର୍ଟରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଥିଲା । ଗୋଟିଏ ମାମଲାରେ ହାଇକୋର୍ଟ ମାର୍ଚ୍ଚ ୧୭ରେ ଜଣିକିଆ ବିଚାରପତିଙ୍କ ଆଦେଶକୁ ରଦ୍ଦ କରି ସିଧାସଳଖ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ୪ ଜଣ ଆଶାୟୀ ପ୍ରାର୍ଥୀ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମ୍‌କୋର୍ଟ ଶୁଣାଣି କରି ଚାରୋଟି ପଦ ପୂରଣ ନ କରିବାକୁ ନିର୍ଦ୍ଦେଶ ଦେବା ସହ ହାଇକୋର୍ଟଙ୍କ ଆଦେଶରେ ରହିତାଦେଶ ଜାରି କରିଥିଲେ । ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଥିଲାବେଳେ ଏସ୍‌ଟିଏର ଅନ୍ୟ ରିଟ୍ ଅପିଲ୍ ଉପରେ ହାଇକୋର୍ଟରେ ଶୁଣାଣି ହୋଇଥିଲା। ମାମଲାରେ ଆଉ ତିନି ଜଣ ଆଶାୟୀ ପ୍ରାର୍ଥୀ ନିଜ ପକ୍ଷ ରଖି ସୁପ୍ରିମ୍‌କୋର୍ଟଙ୍କ ଆଦେଶ ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରିଥିଲେ । ଯେହେତୁ ଚାରୋଟି ପଦ ଖାଲି ରଖିବା ଲାଗି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇ ସାରିଛନ୍ତି ସେହି ଆଧାରରେ ଅନ୍ୟ ତିନି ଜଣଙ୍କ ଲାଗି ମଧ୍ୟ ପଦ ଖାଲି ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତିନି ଆଶାୟୀ ପ୍ରାର୍ଥୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟରଞ୍ଜନ ପତି ଏହି ମାମଲା ପରିଚାଳନା କରୁଛନ୍ତି ।

# ଲାଗୁହେବ ଶ୍ରୀଲିଙ୍ଗରାଜ ସ୍ୱତନ୍ତ୍ର ଆଇନ ! 'ଖୁବ୍‌ଶୀଘ୍ର' କହି ସମୟ ଗଡ଼ାଯାଉଛି

ଭୁବନେଶ୍ୱର, ୧୩/୭
ନ୍ୟୁଜ ବ୍ୟୁରୋ



ଖୁବ୍‌ଶୀଘ୍ର ଲାଗୁ ହେବ 'ଲିଙ୍ଗରାଜ ସ୍ୱତନ୍ତ୍ର ଆଇନ'। ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଏମିତି ଗଣମାଧ୍ୟମ ଆଗରେ ଉତ୍ତର ରଖିଛନ୍ତି ମନ୍ତ୍ରୀ, ସାଂସଦ, ବିଧାୟକ ଓ ସ୍ଥାନୀୟ ନେତୃତ୍ୱ। ହେଲେ ସେହି 'ଖୁବ୍ ଶୀଘ୍ର' ସମୟ ଟି କେବେ? ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ଥିବା ବେଳେ ଲିଙ୍ଗରାଜଙ୍କ ସ୍ୱତନ୍ତ୍ର ଆଇନ କାହିଁକି ଲାଗୁ ହୋଇ ପାରୁନାହିଁ? ଦିନେ କି ଦୁଇ ଦିନ ନୁହେଁ ୨ ବର୍ଷ ହେବ କେନ୍ଦ୍ର ସରକାରଙ୍କ ପ୍ରଶ୍ନର ଉତ୍ତର ଦେଇ ପାରୁନାହିଁ ରାଜ୍ୟ। ଫଳରେ କେନ୍ଦ୍ର ସରକାରଙ୍କ ଅନୁମତି ମିଳୁନାହିଁ କି ସ୍ୱତନ୍ତ୍ର ଆଇନ ଲାଗୁ ହୋଇପାରୁନାହିଁ। ପୁରୀ ଶ୍ରୀମନ୍ଦିର ପରି ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପାଇଁ ସ୍ୱତନ୍ତ୍ର ଆଇନ ଲାଗୁ କରିବା ପାଇଁ ଦଶନ୍ଧି ଧରି ଦାବି ହୋଇଆସୁଥିଲା। ୨୦୨୦ ଡିସେମ୍ବର ୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ଆଇନ ଲାଗୁ ହେବା ନେଇ ଘୋଷଣା କରିଥିଲେ। ୨୦୨୧ ନଭେମ୍ବର ୨୪ରେ ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ ମିଳିଥିଲା। କ୍ୟାବିନେଟ୍ ନିଷ୍ପତ୍ତି ପରେ ଶ୍ରୀଲିଙ୍ଗରାଜ ସ୍ୱତନ୍ତ୍ର ଆଇନ ଅଧ୍ୟାଦେଶ ଜାରି କରିବାକୁ ଆଇନ ବିଭାଗ ତତ୍କାଳୀନ ରାଜ୍ୟପାଳଙ୍କ ଦସ୍ତଖତ ପାଇଁ ପଠାଇଥିଲେ। କିନ୍ତୁ ରାଜ୍ୟପାଳ ଉକ୍ତ ଅଧ୍ୟାଦେଶ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ମରାମର୍ଶ ମାଗିଦେଲେ। ଏହାପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତରେ ଟଣାଓଟରା ଚାଲିଲା। ପ୍ରସ୍ତାବିତ ଅଧ୍ୟାଦେଶର ଅନେକ ଅଂଶ ବିଧାନସଭାର କ୍ଷମତା ପରିସରଭୁକ୍ତ ନୁହେଁ ଏବଂ ଏହା 'ଆମ୍‌ସାର ଆଇନ'କୁ ବିରୋଧାଚରଣ କରୁଛି କହି ଅଧ୍ୟାଦେଶ ଉପରେ କେନ୍ଦ୍ର ସରକାର ଆପତ୍ତି ଉଠାଇଲେ। ଅଧ୍ୟାଦେଶରେ ଏକାଧିକ ଧାରା ଯୋଡ଼ିବା ପାଇଁ କେନ୍ଦ୍ର ସରକାର ପ୍ରସ୍ତାବ ଦେଲେ। ଏମିତି ତିନିଥର କେନ୍ଦ୍ର ଆପତ୍ତି ଉଠାଇଲା ଏବଂ ରାଜ୍ୟ ସରକାର ଚିଠି ଯୋଗେ ଉତ୍ତର ଦେଇଥିଲେ। ତେବେ ୨୦୨୩ ମସିହା ଜୁନ୍ ମାସରେ ୭ଟି ପ୍ରସ୍ତାବ ଉପରେ ଉତ୍ତର ରଖିବାକୁ ପୁଣି କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ସେଥିମଧ୍ୟରେ ଲିଙ୍ଗରାଜ ମନ୍ଦିରରେ କୌଣସି ଭିଆଇପି ଦର୍ଶନର ବ୍ୟବସ୍ଥା ରହିବ ନାହିଁ। ଯେକେହି ହେଲେ ମଧ୍ୟ ସାଧାରଣ ଦର୍ଶନ ବ୍ୟବସ୍ଥାରେ ଦର୍ଶନ କରିବେ। ମନ୍ଦିର ପରିସରରେ କୌଣସି ଦୋକାନ ଖୋଲା ଯିବନାହିଁ। ଯେ କୌଣସି ମରାମତି ହେଲେ ମଧ୍ୟ କେନ୍ଦ୍ର ସରକାରଙ୍କ ଅନୁମତି ଆଣିବାକୁ ପଡ଼ିବ। ଏହି ତିନିଟି ଦାବି ସହ ଅନ୍ୟ ଚାରିଟି ଦାବି ଉପରେ ଏପର୍ଯ୍ୟନ୍ତ ରାଜ୍ୟ ସରକାର କୌଣସି ଉତ୍ତର ଦେଇନାହାନ୍ତି। ଗତ ନିର୍ବାଚନ ସମୟରେ ଏ ପ୍ରସଙ୍ଗ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଥିଲା। କେନ୍ଦ୍ରରେ ବିଜେପି ସରକାର ଶ୍ରୀଲିଙ୍ଗରାଜଙ୍କ ଆଇନକୁ କରାଇ ଦେଉନଥିବା କହି ବିଜେପିକୁ ଟାର୍ଗେଟ କରିଥିଲା ବିଜେଡି। ସାଧାରଣ ନିର୍ବାଚନ ପରେ ଓଡ଼ିଶା ରାଜନୀତି ଚିତ୍ର ବଦଳିଲା। ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଗଢ଼ିଲା। ଏହା ଭିତରେ ଡବଲ୍ ଇଞ୍ଜିନ୍ ସରକାରକୁ ଗୋଟିଏ ବର୍ଷ ବିତିଯାଇଛି। ହେଲେ ଏଯାଏ ଶ୍ରୀଲିଙ୍ଗରାଜ ଆଇନ ଲାଗୁ ହୋଇପାରୁନାହିଁ। ସୂଚନାନୁସାରେ ୬ ମାସ ତଳେ ଏନେଇ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ। ମୁଖ୍ୟଶାସନ ସଚିବଙ୍କ ସହ ଆଇନମନ୍ତ୍ରୀ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତ ରହି ଆଲୋଚନା କରିଥିଲେ। କେନ୍ଦ୍ର ଆପତ୍ତି ଉଠାଇଥିବା ବିଷୟ ଉପରେ ଉତ୍ତର ଦେବାକୁ ଡ୍ରାଫ୍ଟ ପ୍ରସ୍ତୁତ ହୋଇଥିଲା। ତୁରନ୍ତ କେନ୍ଦ୍ରକୁ ଉତ୍ତର ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। ଏବେବି ଆଇନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଫାଇଲ୍ ପଡ଼ି ରହିଛି। ଏଣେ ମନ୍ଦିର ପରିଚାଳନାରେ ନାନା ସମସ୍ୟା ସୃଷ୍ଟି ହେଉଛି। ଏଠି ସ୍ଥାୟୀ ପ୍ରଶାସନିକ ଅଧିକାରୀ ନାହାନ୍ତି। ଆବଶ୍ୟକ ଲୋକ ବଳ ନାହିଁ କି ମନ୍ଦିର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିର ନଷ୍ଟ ହେଉଛି। ମନ୍ଦିର ନୀତିକାନ୍ତିଠାରୁ ଆରମ୍ଭ କରି ପର୍ବପର୍ବାଣୀ ଠିକ୍ ସମୟରେ ହୋଇପାରୁନାହିଁ। ଏସବୁ ପ୍ରସଙ୍ଗରେ ସ୍ୱତନ୍ତ୍ର ଆଇନ ନଥିବା ଦର୍ଶାଇ ଖସିଯିବାକୁ ଉଦ୍ୟମ କରୁଛି ମନ୍ଦିର ପ୍ରଶାସନ। ଅନ୍ୟପଟେ ଆଇନ ଆସିବ ଆସିବ କହି ସରକାର ସମୟ ଗଡ଼ାଉଛନ୍ତି।

# ବିଶିଷ୍ଟ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକଙ୍କ ୮୫ତମ ଜୟନ୍ତୀ ପାଳିତ



ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ବିଶିଷ୍ଟ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ ୮୫ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଏହି ଉପଲକ୍ଷେ ଭୁବନେଶ୍ୱର ସାମ୍ବାଦିକମାନଙ୍କ ପକ୍ଷରୁ ରବିବାର ପୂର୍ବାହ୍ନରେ ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡ ଖଟିରେ ଶ୍ରୀ ପଟ୍ଟନାୟକଙ୍କ ଜନ୍ମଦିବସ ଉତ୍ସବ ପାଳନ କରାଯାଇଥିଲା। ଶ୍ରୀ ପଟ୍ଟନାୟକଙ୍କୁ ବିଭିନ୍ନ ବର୍ଗର ସାମ୍ବାଦିକମାନେ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଦୀର୍ଘ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଶ୍ରୀ ପଟ୍ଟନାୟକ କେକ୍ କାଟିବା ପରେ ତାଙ୍କୁ ହାପି ବାର୍ଥଡେ' ଗୀତ ଗାଇ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଅନେକ ସାମ୍ବାଦିକ ଶ୍ରୀ ପଟ୍ଟନାୟକଙ୍କୁ ଫୁଲତୋଡ଼ା, ଫୁଲଗଛ, ପୁସ୍ତକ ଓ ଅନ୍ୟାନ୍ୟ ଉପହାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନ ଦାସ, ବରିଷ୍ଠ ସାମ୍ବାଦିକ ରବି ଦାସ, କେ. ରବି, ଦେବୀ ପଟ୍ଟନାୟକ, ବାଉରୀବନ୍ଧୁ ମହାରଣା, ବିବେକାନନ୍ଦ ଜେନା, ମାଧବ ବେଉରା, ଅକ୍ଷୟ ସାହୁ, ସତ୍ୟଜିତ ମିଶ୍ର, ମନୋରଞ୍ଜନ ମିଶ୍ର, କେଦାର ମିଶ୍ର, ଦିଲ୍ଲୀପ ସାବତ, ନବ ମହାପାତ୍ର, ପ୍ରଫୁଲ୍ଲ ଦାସ, କୃଷ୍ଣଚନ୍ଦ୍ର ବାରିକଙ୍କ ସମେତ ବହୁ ସଂଖ୍ୟାରେ ସାମ୍ବାଦିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।

## ରାଷ୍ଟ୍ରପତିଙ୍କ ରେଭେନ୍ସା କାର୍ଯ୍ୟକ୍ରମକୁ ନେଇ କଟକ ସର୍କିଟ ହାଉସରେ ସମୀକ୍ଷା

ଭୁବନେଶ୍ୱର, ୧୩/୦୭
ନ୍ୟୁଜ ବ୍ୟୁରୋ

ସୋମବାର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ତଥା ରେଭେନ୍ସା ଠାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦାନକୁ ନେଇ କଟକ ସର୍କିଟ ହାଉସ ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଭଳି ବିଷୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ଅବସରରେ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ, କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ , ବିଜେପି ଜିଲ୍ଲା ସଭାପତି, ଜିଲ୍ଲାପାଳ, ପୋଲିସ ଆରକ୍ଷୀ ଅଧିକ୍ଷକ, ବରିଷ୍ଠ ଅଧିକାରୀ, ଦଳୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ରେଭେନ୍ସା ମହାବିଦ୍ୟାଳୟ ଝାଡ଼ାବାନ୍ତି ଘଟଣା: ପାନୀୟ ଜଳର ହେବ ମାନ ପରୀକ୍ଷା

କଟକ, ୧୩/୭ ନ୍ୟୁଜ ବ୍ୟୁରୋ

ରେଭେନ୍ସା ମହାବିଦ୍ୟାଳୟରେ ନିୟୁ ପିଜି, ଧର୍ମପଦ ହଷ୍ଟେଲର ୪୯ ଜଣ ଛାତ୍ର ଏବଂ ପରିଜା ବାଳିକା ହଷ୍ଟେଲର ଜଣେ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ପରିଜା ବାଳିକା ହଷ୍ଟେଲର ଜଣେ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ଦିନକ ପୂର୍ବରୁ ହଷ୍ଟେଲରେ ପିଲାମାନେ ଦ୍ୱିପ୍ରହର ଖାଇବାରେ ମାଛ, ପନିର ଖାଇଥିଲେ । ରାତିରେ ଭାତ, ରୁଟି, ବନ୍ଧାକୋବି ତରକାରି ଖାଇଥିଲେ। ତା' ପରେ ସେମାନଙ୍କର ଝାଡ଼ାବାନ୍ତି ହୋଇଥିଲା । ଏବେ ସବୁ ପିଲାମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି । ରବିବାର ହଷ୍ଟେଲର ପାନୀୟ ଜଳର ମାନ ପରୀକ୍ଷା ହେବ ବୋଲି କହିଛନ୍ତି କଟକ ସିଡିଏମ୍‌ଓ ।

## ତେଲ ବୋଝେଇ ମାଲ୍‌ବାହୀ ଟ୍ରେନ୍‌ରେ ଭୟଙ୍କର ଅଗ୍ନିକାଣ୍ଡ

ନୂଆଦିଲ୍ଲୀ, ୧୩/୦୭

ତାମିଲନାଡୁ ତିରୁଭାଲ୍ଲୁରର ତେଲ ବୋଝେଇ ଏକ ମାଲବାହୀ ଟ୍ରେନ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଚେନ୍ନାଇ ପୋର୍ଟରୁ ଡିଜେଲ ନେଇ ଯାଉଥିବା ମାଲବାହୀ ଟ୍ରେନ୍‌ଟି ତିରୁଭାଲ୍ଲୁର ନିକଟରେ ହଠାତ୍ ଲାଇନଚ୍ୟୁତ ହୋଇଥିଲା, ଯାହା ପରେ ଟ୍ରେନ୍‌ରେ ଥିବା ତେଲ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା। ତେବେ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇଥିବା ନେଇ କୌଣସି ସୂଚନା ନାହିଁ । ତେବେ ଡିଜେଲ ଥିବାରୁ ନିଆଁଟି ପୁରା ଟ୍ରେନକୁ ବ୍ୟାପିଯାଇଥିଲା । ଏନେଇ ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଛି । ୧୦ରୁ ଅଧିକ ଦମକଳ ଗାଡ଼ି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସୁରକ୍ଷା ଦୃଷ୍ଟିରୁ ପୁଲିସ ନିକଟବର୍ତ୍ତୀ ଆବାସିକ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରୁଛି ଏବଂ ବିଦ୍ୟୁତ୍ ଯୋଗାଣ ମଧ୍ୟ ବନ୍ଦ କରାଯାଇଛି।

# ୟୁଏନ୍‌ଏଡ୍‌ସ ପାଣ୍ଠି ବନ୍ଦ ପ୍ରଭାବ : ୨୦୨୯ ସୁଦ୍ଧା ୪୦ ଲକ୍ଷ ଲୋକଙ୍କ ମୃତ୍ୟୁ ଆଶଙ୍କା

ନୂଆଦିଲ୍ଲୀ, ୧୩/୦୭

ଜାତିସଂଘର ଏଡ୍‌ସ କାର୍ଯ୍ୟକ୍ରମକୁ ପାଣ୍ଠି ଯୋଗାଇବାକୁ ଆମେରିକାର ଟ୍ରମ୍ପ ପ୍ରଶାସନ ମନା କରିଦେଇଛି। ପାଣ୍ଠି ଯୋଗାଣ ବନ୍ଦ ହେବା ଯୋଗୁ ଆସନ୍ତା ୨୦୨୯ ସୁଦ୍ଧା ୪୦ ଲକ୍ଷ ଲୋକ ଏଚ୍‌ଆଇଭି/ଏଡ୍‌ସରେ ପ୍ରାଣ ହରାଇବା ସହ ୬୦ ଲକ୍ଷରୁ ଅଧିକ ଲୋକ ସଂକ୍ରମିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ନିକଟରେ ପ୍ରକାଶ ପାଇଥିବା ୟୁଏନ୍‌ଏଡ୍‌ସର ଏକ ରିପୋର୍ଟରୁ ଏକଥା ସାମ୍ନାକୁ ଆସିଛି।

ରିପୋର୍ଟରେ କୁହାଯାଇଛି ଯେ ୟୁଏନ୍‌ଏଡ୍‌ସ କାର୍ଯ୍ୟକ୍ରମ ପାଇଁ ଆମେରିକା ପାଣ୍ଠି ବନ୍ଦ କରିଦେବା ଫଳରେ ଅନ୍ୟ ସହଯୋଗୀ ଦେଶମାନେ ମଧ୍ୟ ଏଭଳି ପଦକ୍ଷେପ ନେବାର ସମ୍ଭାବନା ରହିଛି । ଏଥିଯୋଗୁ ୟୁଏନ୍‌ଏଡ୍‌ସ କାର୍ଯ୍ୟକ୍ରମ ପ୍ରଭାବିତ ହେବ । ଜାତିସଂଘ ଦ୍ୱାରା ପରିଚାଳିତ ବିଭିନ୍ନ ଦେଶରେ ଥିବା ଏଚ୍‌ଆଇଭି/ଏଡ୍‌ସ କ୍ଲିନିକ ବନ୍ଦ ହେବ। କର୍ମଚାରୀଙ୍କୁ ଦରମା ମିଳିବନି। ନିବାରଣ ଓ ସଚେତନତା କାର୍ଯ୍ୟକ୍ରମ ସମ୍ଭବ ହେବନାହିଁ । ଟେଷ୍ଟିଂ ମଧ୍ୟ କରିବା କଷ୍ଟକର ହୋଇପଡିବ । ଏଡ୍‌ସ କାର୍ଯ୍ୟକ୍ରମରେ ସାମିଲ ଅନ୍ୟାନ୍ୟ ସଙ୍ଗଠନ ଓ ସଂସ୍ଥାମାନେ ମଧ୍ୟ ଦୂରେଇ ଯିବେ । ଚଳିତ ବର୍ଷ ପାଇଁ ଆମେରିକା ୟୁଏନ୍‌ଏଡ୍‌ସ କାର୍ଯ୍ୟକ୍ରମ ଲାଗି ୪୦୦ କୋଟି ଡଲାର ଦେବା କଥା । କିନ୍ତୁ ଗତ ଜାନୁଆରୀରେ ଟ୍ରମ୍ପ ସମସ୍ତ ବିଦେଶୀ ଅନୁଦାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ୟୁଏସ୍‌ଏଡ୍ ଏଜେନ୍ସିକୁ ବନ୍ଦ କରିଦେଇଥିଲେ ।

୨୦୦୩ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ବୁଶ୍ ପିଇପିଏଫଏଆର (ଏଡ୍‌ସ ରିଲିଫ ପାଇଁ ଆମେରିକା ରାଷ୍ଟ୍ରପତିଙ୍କ ଜରୁରି ଯୋଜନା) ଆରମ୍ଭ କରିଥିଲେ । ପିଇପିଏଫଏଆରର ପୂର୍ବତନ ପ୍ରଧାନ ଉପସଂଯୋଜକ ଆଞ୍ଜେଲି



ଆଚରେକରଙ୍କ ସୂଚନା ଅନୁଯାୟୀ ୟୁଏନ୍‌ଏଡ୍‌ସ କାର୍ଯ୍ୟକ୍ରମ ଉପରେ ବର୍ତ୍ତମାନ ଟ୍ରମ୍ପ ପ୍ରଶାସନ ସମୀକ୍ଷା କରୁଛି। ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇନାହିଁ । ଏଚ୍‌ଆଇ/ଏଡ୍‌ସରେ ଜୀବନ ସହ ସଂଘର୍ଷ କରୁଥିବା ବ୍ୟକ୍ତିଙ୍କ ପାଇଁ ପାଣ୍ଠି ଯୋଗାଣ ଜାରି ରହିବ ବୋଲି ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ସୂଚନା ଦେଇଛନ୍ତି । ବିଭିନ୍ନ ଦେଶ ପକ୍ଷରୁ ନିଜସ୍ୱ ଏଡ୍‌ସ କାର୍ଯ୍ୟକ୍ରମ ଚାଲିଛି । କିନ୍ତୁ ଆମେରିକା ସହାୟତା ବିନା ତାହା ଅଧୁରା ହୋଇଯିବ।

# ସୂର୍ଯ୍ୟମନ୍ଦିରରେ ବିଶେଷଜ୍ଞ ଦଳର ଅନୁଧ୍ୟାନ : କଳା ଆସ୍ତରଣ ପ୍ରସ୍ତର ନମୁନା ସଂଗ୍ରହ

କୋଣାର୍କ, ୧୩/୦୭
ନ୍ୟୁଜ ବ୍ୟୁରୋ

ସୂର୍ଯ୍ୟମନ୍ଦିର ସୁରକ୍ଷା ଓ ସଂରକ୍ଷଣ ନେଇ ଏଏସଆଇ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି । ସୂର୍ଯ୍ୟମନ୍ଦିରରେ ଆଇଆଇଏମଡି ଓ ଖଣିଜ ସାମଗ୍ରୀ ପ୍ରଯୁକ୍ତି ପ୍ରତିଷ୍ଠାନର ୮ଜଣିଆ ବିଶେଷଜ୍ଞ ଦଳ ଅନୁଧ୍ୟାନ କରିଛନ୍ତି । ଏହି ବିଶେଷଜ୍ଞ ଦଳ ନାଟ୍ୟ ମନ୍ଦିର, ଜଗମୋହନ, ଗର୍ଭଗୃହ, ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ । କ୍ୟାମେରାରେ ଫଟୋ ଉତ୍ତୋଳନ କରିବା ସହିତ କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରସ୍ତରରେ ରହିଥିବା କଳା ଆସ୍ତରଣର ନମୁନା ସଂଗ୍ରହ କରି ନେଇଥିଲେ । ଏହା ପରୀକ୍ଷା ପାଇଁ ଯାଇଥିବା ଜଣାପଡିଛି । ଖୁବ୍‌ଶୀଘ୍ର ସୂର୍ଯ୍ୟମନ୍ଦିର କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରସ୍ତର ପ୍ରତି ବିଶେଷ ଧ୍ୟାନ ଦିଆଯାଇ ଏହି କଳା ଆସ୍ତରଣ



ସଫା କରାଯିବ । ବିଶେଷଜ୍ଞ ଦଳଙ୍କ ସହିତ ପୁରୀ ସର୍କଲ ସୁପରିଟେଣ୍ଡେଣ୍ଟ ଡ଼ଃ. ଡି.ବି ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ମେ ୨୪ତାରିଖରେ ଏଏସଆଇ ଡିଜିଙ୍କ ସମେତ ୧୫ଜଣିଆ ବିଶେଷଜ୍ଞ ଦଳ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ା ପ୍ରକ୍ରିୟା, ମନ୍ଦିର ସଂରକ୍ଷଣ ଆଦି ସମୀକ୍ଷା କରିଥିଲେ।